

ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଇନଷ୍ଟିଚ୍ୟୁଟ ଅଫ ମିଡିଆ ଷ୍ଟଡିଜ ପକ୍ଷରୁ ସେମିନାର, ଆଇଏମଏସ କନଫରେନ୍ସ ହଲ, ପୂର୍ବାହ୍ନ ୧୦ଟା ୩୦।
- ଡିଏଭି ପବ୍ଲିକ ସ୍କୁଲର ୪୯ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ୟୁନିଟ-୮, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଚାରା ବଣ୍ଟନର ରୋଡ ଶୋ, ରାମମନ୍ଦିର, ଅପରାହ୍ନ ୪ଟା।
- ଫିଫା ୧୭ବର୍ଷରୁ କମ ମହିଳା ବିଶ୍ୱକପ ସମ୍ପର୍କିତ କାର୍ଯ୍ୟକ୍ରମ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୪ଟା।
- ଚିନ୍ତା ଓ ଚେତନା ଅନୁଷ୍ଠାନ ପକ୍ଷରୁ ୪୧ତମ ବର୍ଷା ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ମ୍ୟୁଜିକ ସିଜଲର ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମଗିରିରେ ଅଜଣା ଜନ୍ତୁର ପାଦଚିହ୍ନ

**ବ୍ରହ୍ମଗିରି,୨୬।୮(ଡି.ଏନ୍‌.ଏ.):** ବ୍ରହ୍ମଗିରି ରେଞ୍ଜ ଅଧୀନ ବେଣ୍ଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ପ୍ରତ୍ୟେକ ଦିନ ଏକ ଅଜଣା ଜନ୍ତୁର ପାଦଚିହ୍ନ ପଡୁଥିବାର ଦେଖିବାକୁ ମିଳିଛି। ଏହି ପାଦଚିହ୍ନକୁ ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡୁଥିବା ବେଳେ ରାତିହେଲେ ତାଟିକବାଟ ପକାଇ ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବେଣ୍ଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ କେତକ ପରିବାର ରହୁଛନ୍ତି। ସେମାନଙ୍କ ବାଡିପଟେ ରାତିରେ ଏକ ଅଜଣାଜନ୍ତୁ ଯାତାୟାତ କରୁଥିବାର ପାଦଚିହ୍ନ ଦେଖିବାକୁ ମିଳେ। ଏହି ପାଦଚିହ୍ନକୁ ଦେଖି ଏହା ଏକହିଂସ୍ର ଜନ୍ତୁର ପାଦଚିହ୍ନ ବୋଲି ଅନୁମାନ କରୁଛନ୍ତି। ଅତୀତରେ ବ୍ରହ୍ମଗିରି ଅଞ୍ଚଳରୁ ଏକ ବାଘ ବାହାରିଥିବା ସମୟରେ ଅନେକ ସମୟରେ ହେଟା ବାଘ, ଗଧିଆ ବାହାରିଥିବାର ନଜିର ରହିଛି। ଏଣୁ ଏହି ପାଦଚିହ୍ନକୁ ଦେଖି ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏ ନେଇ ବ୍ରହ୍ମଗିରି ବନବିଭାଗ ଅଧିକାରୀ ରଜତ ମହାପାତ୍ର କୁହନ୍ତି,ଏହି ପାଦଚିହ୍ନ କୁକୁର ଓ ବିଲୁଆଙ୍କ ପାଦଚିହ୍ନ ଠାରୁ ବଡ। କିନ୍ତୁ ଏହି ଜନ୍ତୁକୁ କେହି ଦେଖି ନ ଥିବାରୁ ଆମେ ଏହାକୁ ବାଘର ପାଦଚିହ୍ନ ବୋଲି କହିପାରିବା ନାହିଁ। ଏହି ପାଦ ଚିହ୍ନକୁ ନେଇ ପରୀକ୍ଷା କଲାପରେ ଏହା କେଉଁ ଜନ୍ତୁର ବୋଲି ଜଣାପଡିବ। ତେବେ ଏହି ପାଦ ଚିହ୍ନ ଗଧିଆର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତଥାପି ଆମେ ଏଥିପ୍ରତି ନଜର ରଖିଛୁ।

## ବନ୍ଧୁକ ଦେଖାଇ ଦୋକାନୀ ମାଲିକଙ୍କଠାରୁ ଲୁଟ୍‌

**ନିମାପଡ଼ା,୨୬।୮(ଡି.ଏନ୍‌.ଏ.):** ନିମାପଡ଼ା ଥାନା ଅଞ୍ଚଳର ଜଣେ ଚିକେନ ଦୋକାନୀ ମାଲିକଙ୍କୁ ୩ଜଣ ଦୁର୍ବୃତ୍ତ ବନ୍ଧୁକ, ଭୁଜାଲି ଦେଖାଇ ୧୯ହଜାର ୮ଶହ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିବା ସୋମବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କଂଜଲୋଚନଙ୍କ ନିମାପଡ଼ାରେ ଏକ ଚିକେନ ଦୋକାନ ରହିଛି। ରବିବାର ରାତି ପ୍ରାୟ ୧୦ଟା ରେ ସେ ବାଇକ୍‌(ଓଆର ୧୩ଏଚ୍‌ ୭୬୨୧)ରେ ଧମନ୍ତିରା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଏକ ସ୍କୁଟିରେ ୩ଜଣ ଦୁର୍ବୃତ୍ତ କଂଜଲୋଚନଙ୍କୁ ପିଛା ପରିବା ସହ ନିଛାଟିଆ ସ୍ଥାନରେ ଅଟକାଇ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇ ଫେରାର ହୋଇଯାଇଥିଲେ। ୩ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧିଥିବା କଂଜଲୋଚନ କହିଛନ୍ତି।

### ହାଇକୋର୍ଟରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମାମଲା

# ବିଧାୟକ ମୋକିମ୍‌ଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ,୨୬।୮**

ବାରବାଟୀ-କଟକ ନିର୍ବାଚନକୁ ନେଇ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୩ରେ ଏହାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଉକ୍ତ ଦିନ ବର୍ତ୍ତମାନର ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କୁ ଜବାବ ଦାଖଲ କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ବିଧାନସଭା ନିର୍ବାଚନରେ ବାରବାଟୀ-କଟକ ଆସନରୁ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ୍ ବିଜୟୀ ହୋଇଥିଲେ। ତେବେ ନାମାଙ୍କନପତ୍ର ଦାଖଲ ସମୟରେ ମୋକିମ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠ ଏବଂ ନାମାଙ୍କନପତ୍ରରେ ଅନେକ ତଥ୍ୟ ଲୁଚାଇଥିବା ନେଇ ପୂର୍ବତନ ବିଧାୟକ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋକିମ ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲା ଏବଂ ସମ୍ପତ୍ତି ସମ୍ପର୍କରେ ଅନେକ ତଥ୍ୟ ଲୁଚାଇଥିବା ସାମନ୍ତରାୟ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ହାଇକୋର୍ଟରେ ନିର୍ବାଚନ ସଂକ୍ରାନ୍ତୀୟ ମାମଲା (ନଂ. ୬/୨୦୧୯) ରୁଜୁ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମିଳନ କାନୁନ୍‌ଗୋ ଏବଂ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।



-କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ରୁପରେଖ ଦେଉଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ବିରୋଧ

# ରମାଦେବୀ ବିଶ୍ୱବିଦ୍ୟାଳୟ ଗେଟ୍‌ରେ ତାଲା

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

- ସପକ୍ଷବାଦୀ ଓ ବିପକ୍ଷବାଦୀ ଛାତ୍ରୀଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ
- ଥାନାରେ ଅଭିଯୋଗ, ପୋଲିସ କହିଲା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ
- ବିଧାନସଭା ଆଗରେ ଏଆଇଡିଏସ୍‌ଓର ଆଇନ ଅମାନ୍ୟ ଆନ୍ଦୋଳନ

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ତଥା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିଭିନ୍ନ ଛାତ୍ର ସଙ୍ଗଠନ ବିରୋଧ କରୁଛନ୍ତି। ଏ ନେଇ ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏବିଭିପି ୟୁନିଟ୍ ଆନ୍ଦୋଳନକୁ ଓହ୍ଲାଇଥିଲା। ଏବିଭିପି ୟୁନିଟ୍‌ର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଏଥିସହ ସେମାନେ ଗେଟ୍ ସମ୍ମୁଖରେ ବିକ୍ଷୋଭ କରିଥିଲେ। ନିର୍ବାଚନ ବନ୍ଦ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ଦାୟୀ କରି କେତେକ ଛାତ୍ରୀ ତାଙ୍କ ପୋଷ୍ଟର ପୋଡ଼ିଥିଲେ। ନିର୍ବାଚନ ବନ୍ଦ ଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଆଉ ଗୋଟିଏ ଛାତ୍ରୀଗୋଷ୍ଠୀ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ଫଳରେ ସପକ୍ଷବାଦୀ ଓ ବିପକ୍ଷବାଦୀ ଛାତ୍ରୀଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ଥମିଥିଲା। ସେହିପରି ଅଣଛାତ୍ରୀ ଓ ଯୁବକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପଶିବା ଓ ଗେଟ୍‌ରେ ତାଲା ପକାଇବା ନେଇ କେତେଜଣ ଛାତ୍ରୀ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ପୋଲିସ ଘଟଣାସ୍ଥଳରେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଉପସ୍ଥିତ ଥିଲା। କୌଣସି ଯୁବକ କ୍ୟାମ୍ପସ ଭିତରକୁ ପ୍ରବେଶ କରି ନାହାନ୍ତି। ଗେଟ୍ ଖୋଲିବାକୁ ନେଇ ଦୁଇ ଗୋଷ୍ଠୀର ଛାତ୍ରୀଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଏହାପରେ ମୁଖ୍ୟ ଫାଟକରୁ ତାଲା ଖୋଲି ଦିଆଯାଇଥିଲା। ଛାତ୍ରୀମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଯଦି କିଏ ଆଇନକୁ ହାତକୁ ନେଇଥିବାର ପ୍ରମାଣ ମିଳେ, ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ରମାଦେବୀ ବିଶ୍ୱବିଦ୍ୟାଳୟ ଫାଟକରେ ଜଣେ ଛାତ୍ରୀ ଫାଟକରେ ତାଲା ପକାଉଛନ୍ତି।




ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ।

ସେହିପରି ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ଏଆଇଡିଏସ୍‌ଓ ରାଜ୍ୟ ପରିଷଦ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି ହୋଇଛି। ଏ ନେଇ ସୋମବାର ବିଧାନସଭା ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଛି। ଯଦି ପ୍ରତ୍ୟକ୍ଷ ନିର୍ବାଚନ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ନ ହୁଏ ତେବେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ଉପସଭାପତି ସିଦ୍ଧାର୍ଥ ରଥ, ଜୟନ୍ତ ମହାନ୍ତି, ସମ୍ପାଦକ ସୁବାସ ନାଏକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, କ୍ରିଷ୍ଣାରାଣୀ ସାହୁ, ମଧୁସ୍ମିତା ସାହୁ, ରେଖା ଦଣ୍ଡପାଟ, ଶିବାନୀ ଶଙ୍କର ମିଶ୍ର ପ୍ରମୁଖ ସାମିଲ ଥିଲେ।

### ଡିପିସିଙ୍କ ତଦନ୍ତ ବେଳେ ସ୍କୁଲରେ ଅନୁପସ୍ଥିତ

# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ନିଲମ୍ବିତ

**ଖୋର୍ଦ୍ଧା ଅଫିସ, ୨୬।୮**

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଖୋର୍ଦ୍ଧା ବ୍ଲକ ଜାଗୁଲାଇପାଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରିତା ନନ୍ଦ ଖାଡଙ୍ଗା ଓ ସହକାରୀ ଶିକ୍ଷକ ବିଦୂ ଭୂଷଣ କରଙ୍କୁ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନିଲମ୍ବନ କରିଛନ୍ତି। ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ (ଡିପିସି)ଙ୍କ ତଦନ୍ତ ବେଳେ ସ୍କୁଲରେ ଅନୁପସ୍ଥିତ ରହିବା, ବିଳମ୍ବରେ ସ୍କୁଲକୁ ନିୟମିତ ଆସୁଥିବା କାରଣରୁ ଉଭୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଡିପିସିଙ୍କ ସୂଚନା ଅନୁସାରେ, ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଜୁଲାଇ ୧୯ରେ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ସରକାରଙ୍କର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଜିଲା ଶିକ୍ଷା ଅଧିକାରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଓ ବ୍ଲକ ଶିକ୍ଷା ଅଧିକାରୀ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚିଠି କରିଥିଲେ। ଏଥିରେ ବିଦ୍ୟାଳୟ ସକାଳୁ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। ସେହିଭଳି ଶନିବାର ସକାଳ ସାଢ଼େ ୬ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ସ୍କୁଲ କାର୍ଯ୍ୟ କରିବା, ବିଦ୍ୟାଳୟର ନିୟମିତ କାର୍ଯ୍ୟ ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ବିଦ୍ୟାଳୟ ପରିସରକୁ ନିଶା ଦ୍ରବ୍ୟ ନ ଆଣିବାକୁ ନିର୍ଦ୍ଦେଶ ରହିଥିଲା। ନିର୍ଦ୍ଦେଶକୁ ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏଭଳି ନିର୍ଦ୍ଦେଶ ଥିବାବେଳେ ଗତ ୨୧ ତାରିଖରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ଜାଗୁଲାଇପାଟଣା ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ତେବେ ତଦନ୍ତ ବେଳେ ଅନୁପସ୍ଥିତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ପରେ ବିଳମ୍ବରେ ସ୍କୁଲକୁ ଆସିଥିଲେ। ଅନ୍ୟପକ୍ଷେ ନିୟମିତ ବିଦ୍ୟାଳୟକୁ ଉଭୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ବିଳମ୍ବରେ ଆସୁଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଏ ସମ୍ପର୍କରେ ଡିପିସି ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ଅଭ୍ୟାସଗତ ଅନୁପସ୍ଥିତ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଡିପିସି ଅମିତା ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲକୁ ପ୍ଲାଟିନମ କ୍ଲବର ମାନ୍ୟତା

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲକୁ ୨୦୧୮-୧୯ ବର୍ଷ ପାଇଁ ପ୍ଲାଟିନମ୍ କ୍ଲବର ମାନ୍ୟତା ମିଳିଛି। ସ୍ଥାନୀୟ ଏକ ହୋଟେଲରେ ଡିଷ୍ଟ୍ରିକ୍ଟ ୩୨୬୨ ତରଫରୁ ଆୟୋଜିତ ସମ୍ମାନ ଉତ୍ସବରେ ଏହି ମାନ୍ୟତା ମିଳିଛି। ଆଇପିଡିଜି ରୋଟାରିଆନ ଭବାନୀ ପ୍ରସାଦ ଚୌଧୁରୀଙ୍କ ସମେତ ଅନ୍ୟ ପଦାଧିକାରୀ ଦେବାଶିଷ ମିଶ୍ର, ସୌମ୍ୟ ମିଶ୍ର, ଶାନ୍ତନୁ ପାଣି, ଶିବବ୍ରତ ଦାସ, ରବି ନନ୍ଦ, ନାରାୟଣ ମିଶ୍ର, ଦିଲୀପ ପଟ୍ଟନାୟକ, ଗିରିଜା ପାଣି ଓ ସୁଶାନ୍ତ ମହପାତ୍ର ପ୍ରମୁଖ ବିଭିନ୍ନ କ୍ଲବକୁ ସମ୍ମାନିତ କରିଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲର ସଭାପତିଙ୍କୁ ପ୍ଲାଟିନମ୍ ପ୍ରେସିଡେଣ୍ଟ, ସମ୍ପାଦକଙ୍କୁ ପ୍ଲାଟିନମ୍ ସେକ୍ରେଟାରୀ ଏବଂ କ୍ଲବର ୨୫ ବିଭାଗର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କ୍ଲବର କର୍ମକର୍ତ୍ତା ଶୁଭକାନ୍ତ ସାମନ୍ତସିଂହାର, ଶିଶିର ମହାପାତ୍ର, ସାକ୍ୟସିଂ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ଅଜିତ ପାଢ଼ୀ, ଭି.କେ. ପାଟଯୋଶୀ, ରମେଶ ସାହୁ, ରଣଜିତ୍ ସାମନ୍ତରାୟ, ରୂପକ ମହାପାତ୍ର, ଗୀତାଞ୍ଜଳି ମହାନ୍ତି, ପ୍ରଭାତ ମହାନ୍ତି ଏବଂ ସୁଧାକର ପତି ପ୍ରମୁଖ ଉପସ୍ଥିତ ଥିଲେ।

### ଖ୍ରୀଷ୍ଟ କଲେଜରେ ଅର୍ଥ ତୋସାରପାତ ମାମଲା

# ପୂର୍ବତନ ପରିଚାଳନା ସମିତି ସଦସ୍ୟଙ୍କୁ ହାଜର ନିର୍ଦ୍ଦେଶ

**କଟକ ଅଫିସ,୨୬।୮**

ଅର୍ଥ ତୋସାରପାତ ମାମଲାରେ ଖ୍ରୀଷ୍ଟ କଲେଜର ପୂର୍ବତନ ପରିଚାଳନା ସମିତି ସଭ୍ୟ ତଥା ଗୃହନିର୍ମାଣ କମିଟି ଅଧ୍ୟକ୍ଷ ହିମାଂଶୁ ରାଉତଙ୍କୁ ହାଜର ହେବା ପାଇଁ କଟକ ସଦର ଏସ୍‌ଡିଜେଏମ୍ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୬ରେ ହେବାକୁ ଥିବା ଶୁଣାଣିରେ ରାଉତଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ଅଦାଲତ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରାଉତ କଲେଜ ପାଣ୍ଠିରୁ ଗୃହ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ମାତ୍ର ଠିକ୍‌ସମୟରେ କାର୍ଯ୍ୟ ଶେଷ କରି ନ ଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରାଯିବାରେ ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ପରିଚାଳନା ସମିତି ତାଙ୍କ ନାମରେ ଅର୍ଥ ତୋସାରପାତ ଅଭିଯୋଗ ଆଣି ତାଙ୍କର ସଭ୍ୟ ପଦ ରଦ୍ଦ କରିଥିଲା। ପରେ ସମିତି ପକ୍ଷରୁ ଇଞ୍ଜିନିୟରଙ୍କୁ ଡାକି ହୋଇଥିବା କାର୍ଯ୍ୟର ସମୀକ୍ଷା କରାଇଥିଲା। କାର୍ଯ୍ୟଠାରୁ ଢେର ଅଧିକ ଅର୍ଥ ରାଉତ ନେଇ ଯାଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ଉକ୍ତ ଟଙ୍କା ପଇଠ କରିବା ପାଇଁ ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ଏହାକୁ ବେଖାତିର କରିଥିଲେ। ଏ ସମ୍ପର୍କରେ କଟକ ଖ୍ରୀଷ୍ଟିଆନ ଏଜୁକେଶନ ବୋର୍ଡ଼କୁ ଅବଗତ କରାଯାଇଥିଲା। ବୋର୍ଡ଼ ଏକ ତଦନ୍ତ କମିଟି ବସାଇ ତଦନ୍ତ କରିଥିଲା। ପରେ କମିଟିର ସୁପାରିସ ଅନୁଯାୟୀ, ରାଉତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଥିବାବେଳେ ତତ୍କାଳୀନ ସମ୍ପାଦକ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଫଳରେ ପରିଚାଳନା ସମିତି ବାଧ୍ୟ ହୋଇ ରାଉତଙ୍କ ବିରୋଧରେ କଟକ ସଦର ଏସ୍‌ଡିଜେଏମ୍ ଅଦାଲତରେ ମାମଲା ରୁଜୁ କରିଥିଲା। ଅଦାଲତ ଏହି ମାମଲାକୁ ଗ୍ରହଣ କରି ଘଟଣାର ତଦନ୍ତ ପାଇଁ କ୍ୟାଣ୍ଟନମେଣ୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ରାଉତଙ୍କ ବିରୋଧରେ ଆଇପିସି ଧାରା ୪୨୦ ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା। ପରେ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ନୂଆରୂପ ନେବ ପଢ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ର

**କଟକ ଅଫିସ, ୨୬।୮**

- ପାଠାଗାରରେ ଥିବା ଏଲ୍‌ଇଡି ଓ ଭିଡିଓ ୱାଲ୍‌କୁ ମରାମତି ପାଇଁ ନିର୍ଦ୍ଦେଶ
- ପାଠାଗାରରେ ହେବ ଟେଲିସ୍କୋପ ବ୍ୟବସ୍ଥା

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ସର୍ବ ପୁରାତନ ପଢିହାରୀ ପାଠାଗାର ଓ ସୂଚନା କେନ୍ଦ୍ର ନୂଆରୂପ ନେବ। ଏ ନେଇ ସୋମବାର ଜଳସମ୍ପଦ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କ ଅଧ୍ୟକ୍ଷତାରେ ପଢିହାରୀ ପାଠାଗାର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଥମେ ପାଠାଗାରରେ ପହଞ୍ଚି ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହିତ ପାଠାଗାର ପରିଦର୍ଶନ କରିଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାଶଙ୍କ ସମେତ ପାଠଗାରର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପାଠାଗାରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ବିଶେଷକରି କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଲୋକଙ୍କୁ ସେବା ଯୋଗାଇବାରେ ଅସୁବିଧା ହେଉଛି। ୬୦ ବର୍ଷର ପୁରୁଣା ଏହି ପାଠାଗାରରେ ପାଣି ଗଳିବା ସହ ଏଠାରେ ଥିବା ଫର୍ଣ୍ଣିଚର ନଷ୍ଟ ହେବାକୁ ବସିଲାଣି। ବୈଷୟିକ ଜ୍ଞାନକୌଶଳରେ କିପରି ପାଠାଗାରର ଉନ୍ନତି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସହରର ବହୁ ଯୁବବର୍ଗ ଯେପରି ପାଠାଗାର ପ୍ରତି ଆକୃଷ୍ଟ ହେବେ ସେ ନେଇ ପ୍ରଚାରପ୍ରସାର କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏହି ପାଠାଗାରରୁ ବହୁ ମେଧାବୀ ଛାତ୍ରୀଛାତ୍ର ବାହାରି ଆଜି ବହୁ ଉଚ୍ଚ ପଦପଦବୀରେ ରହିଛନ୍ତି। କିନ୍ତୁ ଏହି ପାଠାଗାର ପ୍ରତି ଅଣଦେଖା କରାଯାଉଛି। ଆଗାମୀ ଦିନରେ ଏହି ପାଠାଗାର ସହିତ ଜଡିତ ଥିବା ଛାତ୍ରୀଛାତ୍ରମାନେ ଯେଉଁମାନେ ଏହାରି ମାଧ୍ୟମରେ ଉଚ୍ଚ ପଦବୀରେ



ରହିଛନ୍ତି ସେମାନଙ୍କୁ ପୁରସ୍କୃତ କରିବା ସହ ତାଙ୍କ ଫଟୋ ଲଗାଇବା ନିମନ୍ତେ ବୈଠକରେ ମତପ୍ରକାଶ ପାଇଥିଲା। ସମସ୍ତ ଦାବି ଶୁଣିବା ପରେ ପାଠାଗାର ଓ ସୂଚନା କେନ୍ଦ୍ରକୁ ଅଧିକ ଉନ୍ନତମାନର କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପାଠାଗାରରେ ଥିବା ଏଲ୍‌ଇଡି ଓ ଭିଡିଓ ୱାଲ୍‌କୁ ଆବଶ୍ୟକ ମରାମତି କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ୟା ସମାଧାନ ସହ ପାଠାଗାରର ଉନ୍ନତି ଓ କର୍ମଚାରୀ ପୂରଣ କରିବାକୁ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ଅନୁଯାୟୀ, ଖୁବ୍‌ଶୀଘ୍ର ସମସ୍ତ କାର୍ଯ୍ୟ ଶେଷ କରିବା ସହ ଲୋକଙ୍କୁ ସୁଫଳ ମିଳିବା ଦିଗରେ ପଦକ୍ଷେପ ନେବାକୁ ସେ କହିଛନ୍ତି। ସେହିପରି ଜିଲାପାଳ ଚୟନୀ କହିଛନ୍ତି, ପାଠାଗାରରେ ଟେଲିସ୍କୋପ ବ୍ୟବସ୍ଥା କରାଯିବ। ପାଠାଗାର ଉନ୍ନତି ନିମନ୍ତେ ଯେକୌଣସି ସାହାଯ୍ୟ ସହଯୋଗ ଦରକାର ଜିଲା ପ୍ରଶାସନ ଯୋଗାଇଦେବ। ସିଏମ୍‌ସି କମିଶନର ଅନନ୍ୟା ଦାଶ କହିଛନ୍ତି, ପାଠାଗାରରେ ଏକ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ଗରିବ ପିଲାଙ୍କୁ ବିଭିନ୍ନ କମ୍ପିଟେଟିଭ ଶିକ୍ଷା ପ୍ରଦାନ କରାଗଲେ ବ୍ୟାଙ୍କିଙ୍ଗ, ରେଲୱେ, ଓପିଏସ୍‌ସି ଭଳି ଚାକିରି କ୍ଷେତ୍ରରେ ପିଲା ନିଯୁକ୍ତି ପାଇପାରିବେ। ଏ ଦିଗରେ ପଦକ୍ଷେପ ନେବା ସହ ଏହାର ଦାୟିତ୍ୱ ସେ ନିଜେ ନେବା ପାଇଁ କହିଥିଲେ।

ଏହି ପାଠାଗାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରାଣକୃଷ୍ଣ ପଢିହାରୀଙ୍କ ସ୍ମୃତିରେ ୧୯୫୮ରେ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ଟାଉନହଲଠାରେ ଆରମ୍ଭ ହୋଇଥିଲା। ପରେ ଏହା ୧୯୬୦ରେ ୧୦୪ ଡେସିମିଲ ଜାଗାରେ ଚୌଧୁରୀବଜାରସ୍ଥିତ ଗୌରୀଶଙ୍କର ପାର୍କ ପାର୍ଶ୍ୱ ନିଜସ୍ୱ ଗୃହରେ ଆରମ୍ଭ ହୋଇଥିଲା। ଏହି ପାଠାଗାରରେ ସାହିତ୍ୟ, ଇଂଲିଶ, ଗ୍ରନ୍ଥ, ଉପନ୍ୟାସ, ନାଟକ, ପୁରାଣ, ପର୍ଯ୍ୟଟନ, ସଂସ୍କୃତି, ବିଜ୍ଞାନ ଏବଂ ରାଜନୀତି ବିଜ୍ଞାନ ଭଳି ୧୮ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି। ଏହି ପାଠାଗାରରେ ସମ୍ବାଦପତ୍ର ପଠନ ବିଭାଗ, ପତ୍ରପତ୍ରିକା ପୁସ୍ତକ ପଠନ ବିଭାଗ, ମହିଳା ଓ ଶିଶୁ ବିଭାଗ ସ୍ୱତନ୍ତ୍ର ବିଭାଗ, ଇ-ଲାଇବ୍ରେରୀ ସମେତ ଗବେଷଣା ଓ ତଥ୍ୟ ସୂଚନା ସୁବିଧା ଉପଲବ୍ଧ ରହିଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୁଣ୍ଟୁଣୀ,୨୬।୮(ଡି.ଏନ୍.ଏ.): ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛଅଗାଁ ଗ୍ରାମର ଏକ କେନାଲରୁ ପୋଲିସ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ରଞ୍ଜନ ରାଉତ। ସୂଚନା ଅନୁଯାୟୀ, ରଞ୍ଜନ ରବିବାର ସନ୍ଧ୍ୟାରେ ଘରୁ ଆସି ଆଉ ଫେରି ନ ଥିଲେ। ଘରଲୋକ ରଞ୍ଜନଙ୍କୁ ଖୋଜାଖୋଜି କରିବା ପରେ କେନାଲରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଏସ୍‌ଆଇ ଗୟାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା(ନଂ.୪/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ଯୁବକଙ୍କ ଆତ୍ମହତ୍ୟା

ନିମାପଡ଼ା,୨୬।୮(ଡି.ଏନ୍.ଏ.): ନିମାପଡ଼ା ଥାନା ନିକଟ ପତିତପାବନପାଟଣା ସେଠୀ ସାହି ନିକଟରେ ଥିବା ନଦୀ ବନ୍ଧ ବିଦ୍ୟୁତ୍ ଖୁଣ୍ଟରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସୋମବାର ଅଭିଯୋଗ ହୋଇଛି। ମୃତକ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ଭୋଦର ଗ୍ରାମର କାଳନ୍ଦୀ ମହାରଣା(୨୩)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାଳନ୍ଦୀଙ୍କ ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁଯାୟୀ, କାଳନ୍ଦୀ ରବିବାର ନିମାପଡ଼ା ଦେବୀମଣ୍ଡପ ସାହି ସ୍ଥିତ ଭଉଣୀ ଘରକୁ ଆସିଥିଲେ। ରାତିରେ ସେ ଉକ୍ତ ଖୁଣ୍ଟିରେ ଆତ୍ମହତ୍ୟା କରିଥିବା କାଳନ୍ଦୀଙ୍କ ବାପା ଗୋବିନ୍ଦ ମହାରଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୭/୧୯)ରୁଜୁ କରି ତଦନ୍ତ ଚଳାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

# ୫ରୁ ନୃତ୍ୟ, ସଙ୍ଗୀତର ମହାକୁମ୍ଭ



'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କିତ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ଆସନ୍ତା ସେପ୍ଟେମ୍ବର ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଏଥର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ସହ ଦେଶର ବିଭିନ୍ନ ପ୍ରାନ୍ତର ଶାସ୍ତ୍ରୀୟ ସଙ୍ଗୀତ, ଗଜଲ ଓ ମ୍ୟୁଜିକାଲ ଫ୍ୟୁଜନ୍ ଆକର୍ଷଣ ରହିବ। ସବୁବର୍ଷ ପରି ଏବର୍ଷ ମଧ୍ୟ ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ୨୫ବର୍ଷରେ ପଦାର୍ପଣ କରିଥିବା ଏହି ପୁରସ୍କାର ଉତ୍ସବ ଏଥର ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ୫ଜଣଙ୍କୁ 'ନାଲ୍‌କୋ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର' ଏବଂ ୫ଜଣ ଯୁବ କଳାକାରଙ୍କୁ 'ନାଲ୍‌କୋ ଗୁରୁ କେଲୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ବିଶିଷ୍ଟ ତବଲା ବାଦକ ଗୁରୁ ହରମୋହନ ଖୁଣ୍ଟିଆ, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ନୃତ୍ୟ ସମାଲୋଚକ ତଥା ଲେଖକ ପଦ୍ମଶ୍ରୀ ଡ. ସୁନୀଲ କୋଠାରୀ, ନୃତ୍ୟ ସମୀକ୍ଷିକା ଲୀଲା ଭେଙ୍କଟରମଣ ଏବଂ ଖ୍ୟାତନାମା ଆର୍ଟ ଫଟୋଗ୍ରାଫର ଅବିନାଶ ପଶ୍ରିଚାଙ୍କୁ ୨୦୧୯ ମସିହା ଲାଗି ନାଲ୍‌କୋ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ସେମାନଙ୍କୁ ୧ ଲକ୍ଷ ଟଙ୍କା

- ୫ଜଣଙ୍କୁ 'ନାଲ୍‌କୋ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର'
- ୫ କଳାକାରଙ୍କୁ ଯୁବପ୍ରତିଭା ସମ୍ମାନ
- ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ ହେବ ରୌପ୍ୟ ଜୟନ୍ତୀ

ଲେଖାଏ ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ସେହିଭଳି ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱପ୍ନକଳ୍ପା ଦାସଗୁପ୍ତା, ରାହୁଲ ଆଚାର୍ଯ୍ୟ ଓ ରାଜଶ୍ରୀ ପ୍ରହରାଜ, ସତ୍ରୀୟା ନୃତ୍ୟଶିଳ୍ପୀ ଅନ୍ୱେଷା ମହାନ୍ତ ଏବଂ ଓଡ଼ିଶୀ ସଙ୍ଗୀତଶିଳ୍ପୀ ସତ୍ୟବ୍ରତ କାଠଙ୍କୁ ଏହିବର୍ଷ ଲାଗି ନାଲ୍‌କୋ ଗୁରୁ କେଲୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ ବୋଲି 'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ୭ ଦିନରେ ୪୦୦ କଳାକାରଙ୍କ କଳା ପ୍ରଦର୍ଶନ

୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏଥର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ୭ଦିନରେ ଦେଶ ବିଦେଶର ୪୦୦ରୁ ଊର୍ଦ୍ଧ୍ୱ କଳାକାର ଏହି ମଞ୍ଚରେ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ଅନୁପ ଜଲୋଟାଙ୍କ କଣ୍ଠରୁ ଗଜଲ ଶୁଣିବାକୁ ମିଳିବ। ଏହାସହ ଗୁରୁ ମୀରା ଦାସଙ୍କ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ସମବେତ ଓଡ଼ିଶୀ ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଅନ୍ତର୍ଜାତୀୟ ସ୍ତରୀୟ ବାଦ୍ୟଶିଳ୍ପୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଫ୍ୟୁଜନ୍ ପରିବେଷଣ ହେବ। ଏହିଦିନର ଅନ୍ୟତମ ଆକର୍ଷଣ ରହିବ ଗୁରୁ ପୀତାମ୍ବର ବିଶ୍ୱାଳଙ୍କ 'ସୁରଭି' ଏବଂ ଗୁରୁ ଅରୁଣା ମହାନ୍ତିଙ୍କ 'ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ' ଦ୍ୱାରା ପରିବେଷିତ ହେବାକୁ ଥିବା ଦଳଗତ ଓଡ଼ିଶୀ ନୃତ୍ୟ। ୩ୟ ସନ୍ଧ୍ୟାରେ ପ୍ରଥମଥର ପାଇଁ ଭୁବନେଶ୍ୱରବାସୀ ଏକକ ସାରଙ୍ଗୀ ବାଦନ ଦେଖିବାର ଅବସର ପାଇବେ। ବମ୍ବେର ଉସ୍ତାଦ୍ ସବୀର୍ ଖାନ୍‌ଙ୍କ ସାରଙ୍ଗୀ ସହ ତାଳଦେବେ ତବଲାବାଦକ ଈଶାନ ଘୋଷ। ଏହାସାଙ୍ଗକୁ ଆମେରିକାରେ ରହୁଥିବା ଗୁରୁଜୀଙ୍କ ଶିଷ୍ୟା ନୀହାରିକା ମହାନ୍ତି ଏକକ ଓଡ଼ିଶୀ ଏବଂ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ 'ରୁଦ୍ରାକ୍ଷ ଫାଉଣ୍ଡେଶନ୍'ର କଳାକାରମାନେ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ୪ର୍ଥ ସନ୍ଧ୍ୟାରେ କଲିକତାର ଇନ୍ଦ୍ରାଣୀ ମୁଖାର୍ଜୀ ହିନ୍ଦୁସ୍ଥାନୀ ସଙ୍ଗୀତ, ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ 'ସୁରମନ୍ଦିର' ଏବଂ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ 'ତ୍ରିଧାରା' ପକ୍ଷରୁ ଦଳଗତ ଓଡ଼ିଶୀ ପରିବେଷଣ କରାଯିବ। ୫ମ ସନ୍ଧ୍ୟାରେ କଲିକତାର ମହିଳା ସରୋଦ ବାଦିକା ଦେବସ୍ମିତା ଭଟ୍ଟାଚାର୍ଯ୍ୟ ସରୋଦ ବାଦନ କରିବେ ଏବଂ ଗୁରୁ ନିରଞ୍ଜନ ରାଉତଙ୍କ 'ନୂପୁର' ଏବଂ ଗୁରୁ ଇଲିଆନା ଚିତାରିସ୍ତିଙ୍କ 'ଆର୍ଟ ଭିଜନ' ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ମଞ୍ଚସ୍ଥ କରାଯିବ। ୬ଷ୍ଠ ସନ୍ଧ୍ୟାରେ ଗୁରୁ ଡ. ବିଜୟ କୁମାର ଜେନା ଓଡ଼ିଶୀ ସଙ୍ଗୀତ ପରିବେଷଣ କରିବେ। ଅଶୋକ ଓ ବନ୍ଦିତା ଘୋଷାଲଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ଏବଂ ଗୁରୁ ଦୁର୍ଗାଚରଣ ରଣବୀରଙ୍କ 'ନୃତ୍ୟାୟନା' ଅନୁଷ୍ଠାନ ଦ୍ୱାରା ଦଳଗତ ଓଡ଼ିଶୀ ପ୍ରଦର୍ଶିତ ହେବ। ଶେଷ ସନ୍ଧ୍ୟାରେ ଗଙ୍ଗା ପ୍ରଦୂଷଣକୁ ଆଧାର କରି 'ସୃଜନ' ତରଫରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନୃତ୍ୟନାଟିକା 'ନମାମିଗଙ୍ଗେ' ପରିବେଷିତ ହେବ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ପୁରସ୍କାର ବିତରଣ କରିବେ।

## 'ଓଏସ୍‌ଆଇସିରେ ଦୁର୍ନୀତିକୁ ବରଦାସ୍ତ କରାଯିବନି'



କଟକ ଅଫିସ,୨୬।୮

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି)ର ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବନିଯୁକ୍ତ ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିବା ସହ ନିଗମର କାର୍ଯ୍ୟଧାରାକୁ ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ଓଏସ୍‌ଆଇସି କିପରି ସ୍ୱଚ୍ଛତା ବଜାୟ ରଖିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ସାହୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ର ୫-ଟି ବିଷୟରେ ଆଲୋକପାତ କରାଯାଇଥିଲା। ଠିକ ସମୟରେ କାର୍ଯ୍ୟ ଆରମ୍ଭ ଓ ଶେଷ କରିବାକୁ ପରାମର୍ଶ ଦେଇଥିଲେ। କୌଣସି କର୍ମଚାରୀ କିମ୍ବା ଅଧିକାରୀ କିପରି ନ ଠକିବେ ସେ ନେଇ ଭିଡ଼ିଓ କଲ ମାଧ୍ୟମରେ ଦିନର କାର୍ଯ୍ୟସୂଚୀ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ବାଣୀବିହାର କ୍ୟାମ୍ପସରେ ଗଣ୍ଡଗୋଳ

### ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅପରପକ୍ଷର ୨ ଆହତ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ବାଣୀବିହାର କ୍ୟାମ୍ପସରେ ସୋମବାର ରାତି ପ୍ରାୟ ୧୦ଟାରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅପର ଗୋଷ୍ଠୀର ୨ଜଣ ଛାତ୍ର ଆହତ ହୋଇଛନ୍ତି। ବିଜ୍ଞାନ ବିଭାଗର ଚନ୍ଦନ ମଲ୍ଲିକଙ୍କ ସମେତ ଫିଲୋସଫି ବିଭାଗର ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ଚନ୍ଦନ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ବାଣୀବିହାର କ୍ୟାମ୍ପସରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗଣ୍ଡଗୋଳର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବ ଶତ୍ରୁତା କିମ୍ବା ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। କ୍ୟାମ୍ପସ ପରିସରରେ ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ ମୁତୟନ କରାଯାଇଛି।

## ଦୋକାନ ଭଙ୍ଗାରୁଜା କରି ୨ ଗିରଫ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଧୀନ ଇନ୍ଦ୍ରଧନୁ ମାର୍କେଟରେ ଏକ ଦୋକାନ ଭଙ୍ଗାରୁଜା କରିବା ଅଭିଯୋଗରେ ଆଇଆର୍‌ସି ଭିଲେଜର ପ୍ରମୋଦ ସାହୁଙ୍କୁ ପୋଲିସ ସୋମବାର ଗିରଫ କରିଛି। ଇନ୍ଦ୍ରଧନୁ ମାର୍କେଟରେ ଶେଖ ଅଖତରଙ୍କର ଟେଲର ଦୋକାନ ରହିଛି। ୩ଜଣ ଯୁବକ ଚାନ୍ଦା ଆକାରରେ ତାଙ୍କୁ ଦାବାବଟି ମାଗିଥିଲେ। ସେ ବଟି ନ ଦେବାରୁ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରୁ ଜିନିଷପତ୍ର ବାହାରକୁ ଫିଙ୍ଗି ଦେଇଥିଲେ। ଏ ନେଇ ଅଖତର ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୩୮୩/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ଫେରାର ଥିବା ଜଣାପଡ଼ିଛି।

### ଆମ ଲୋକକଳା ଆମ ସଂସ୍କୃତି

## ଫୁରୁଲି ଝରନ ପାନି ଝର ଝର...



ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିମାସରେ ଆୟୋଜିତ ହେଉଥିବା 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ବେଶରେ ସୁସଜ୍ଜିତ ହୋଇ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ପାରମ୍ପରିକ ବାଦ୍ୟ ସହ ନୃତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ ସମଗ୍ର ପରିବେଶକୁ ବେଶ୍ ନିଆରା କରିଥିଲା। ସନ୍ଧ୍ୟାରେ ଦୁଇଟି ଭିନ୍ନସ୍ୱାଦର ଲୋକକଳା କଳାହାଣ୍ଡିର 'ଗଣବାଜା' ଏବଂ କୋରାପୁଟର 'ଦୁରୁଆ ଢେମସା ନୃତ୍ୟ' ମୁଖ୍ୟ ଆକର୍ଷଣ ସାଜିଥିଲା।

ପ୍ରଥମ ପ୍ରସ୍ତୁତିରେ କଳାହାଣ୍ଡିର ମୃଣ୍ମୟୀ କଲ୍‌ଚରାଲ୍ ସୋସାଇଟି ପକ୍ଷରୁ କଳାକାରମାନେ 'ଗଣବାଜା' ପରିବେଷଣ କରିଥିଲେ। ଗଣବାଦ୍ୟ ଗଣ ସମାଜ ଦ୍ୱାରା ପ୍ରଚଳିତ ଏକ ପ୍ରାଚୀନ ପାରମ୍ପରିକ ବାଦ୍ୟ ହୋଇଥିବାବେଳେ ଏହା ବିବାହ, ବ୍ରତ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ହୋଇଥାଏ। ଏଥିରେ ଢୋଲ, ତାସା, ନିଶାନ, ମହୁରି ଓ ଝାଞ୍ଜ ଭଳି ୫ଟି ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିବାରୁ ଏହାକୁ ପଞ୍ଚବାଦ୍ୟ ମଧ୍ୟ କୁହାଯାଇଥାଏ। 'ଫୁରୁଲି ଝରନ ପାନି ଝର ଝର' ଗୀତରେ ରବୀନ୍ଦ୍ର ମଣ୍ଡପ ମଞ୍ଚରେ କଳାକାରମାନେ ପ୍ରାୟ ୩୦ମିନିଟ୍ ଧରି ଏହାକୁ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ଓ ମୃଣ୍ମୟୀ ଦାସଙ୍କ ନିର୍ଦ୍ଦେଶନାରେ ୫ଜଣ ଝିଅ ଓ ୧୦ଜଣ ପୁଅ ଏହି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ କୋରାପୁଟ ଗୁପ୍ତେଶ୍ୱରର ଦୁରୁଆ ଜନଜାତିର କଳାକାରମାନଙ୍କ ଦ୍ୱାରା ଦୁରୁଆ ଢେମସା ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମେ ସେମାନେ ଢୋଲ, ଗୁଡୁବୁଡ଼ି, ନିଶାନ ଓ ବଂଶୀ ବଜାଇ 'ବିର୍ଲି ଢେମସା' ନୃତ୍ୟ କରିଥିଲେ। ପୁଷ ପରବରେ ସେମାନେ ଏହି ନୃତ୍ୟ କରୁଥିବାବେଳେ ଏହି ଅବସରରେ ସେମାନେ 'ସିଙ୍ଗିଡ଼ା ମାସ୍କେ ଲେଙ୍ଗିଡ଼ି ନାହିଁ ଗାଁରେ ଧାଙ୍ଗଡ଼ା ନାଇଁ' ଗୀତରେ ନୃତ୍ୟ କରିଥିଲେ। ଏହାପରେ ସେମାନେ ଆମ୍ବ ପରବ ସମୟର ନୃତ୍ୟ 'ମାନକୁଲ' ପରିବେଷଣ କରିଥିଲେ। ଫଗୁଣ ମାସରେ ହୋଲି ପର୍ବରେ କରାଯାଉଥିବା 'ଡାଣ୍ଡାରି' ନୃତ୍ୟକୁ 'ଜୁମକ୍ ଜାମକ୍ ଡାଣ୍ଡାଜଡ଼େ' ଗୀତରେ ମଞ୍ଚରେ ବାଉଁଶ ବାଡ଼ି ଖେଳ ଦେଖାଇଥିଲେ। ଶେଷରେ 'ବାଉଁଶ ଡେଗା ଡେଗା' ଗୀତରେ 'ଢେମସା ନୃତ୍ୟ' କରି ମଞ୍ଚରୁ ବିଦାୟ ନେଇଥିଲେ। କୁଳମଣି ଜେନା ଓ ସାଥୀଙ୍କ ଦ୍ୱାରା ଏହି ନୃତ୍ୟ ପରିବେଷିତ ହୋଇଥିଲା। ଟ୍ରାଇବାଲ୍ କୁଇନ୍ ମୁକୁଟ ପିନ୍ଧିଥିବା ପଲ୍ଲବୀ ଦୁରୁଆ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଯୁଗ୍ମ ସଚିବ ସଂଘମିତ୍ରା ଶତପଥୀ, ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ସୂଚନା ଭବନରେ ସୋମବାର ଅନୁଷ୍ଠିତ ଗୀତିକାର ଶିବବ୍ରତ ଦାସଙ୍କ ଜୟନ୍ତୀ ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କୁ ଗୀତିକାର ଶିବବ୍ରତ ଦାସ ସମ୍ମାନ ପ୍ରଦାନ କରାଯାଉଛି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୌମ୍ୟଜିତ୍



ଅବିନାଶ



ବଳିୟାରସିଂ



ସୁଶାନ୍ତ



ସୁକାନ୍ତ



ରାଜୁ



ବାବୁନି



ଦିବ୍ୟଦର୍ଶନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।

- ଗୌତମବୁଦ୍ଧ



# ତ୍ୟାଗ ପାଇଁ ପ୍ରସ୍ତୁତ, ପ୍ରଥମେ ଥଇଥାନ କରାଯାଉ

## ବଡ଼ଦାଣ୍ଡରେ ବ୍ୟବସାୟୀଙ୍କ ଧାରଣା

**ପୁରୀ ଅଫିସ, ୨୬।୮**

ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନ ମଙ୍ଗଳବାରଠାରୁ ୭୫ ମିଟର ଉଚ୍ଛେଦ ଅଭିଯାନ ଆରମ୍ଭ କରିବ। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣକୁ ଭଙ୍ଗାଯିବ। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ମଙ୍ଗଳବାର ଲଙ୍ଗୁଳି ମଠ ଉଚ୍ଛେଦ ହେବ। ଏହି ମଠରେ ଥିବା ଦୋକାନୀଙ୍କୁ ସେମାନଙ୍କ ଜିନିଷପତ୍ର ଖାଲି କରିବାକୁ ପ୍ରଶାସନ କହିବା ପରେ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଥିଲେ। ହେଲେ ସୋମବାର ଅପରାହ୍ନ ଗୋଟାଏ ସୁଦ୍ଧା ଦୋକାନ ଖାଲି କରିବାକୁ ପ୍ରଶାସନର ତାଗିଦକୁ ବିରୋଧ କରି ବ୍ୟବସାୟୀମାନେ ସିଂହଦ୍ୱାର ନିକଟ ବଡ଼ଦାଣ୍ଡରେ ଧାରଣାରେ ବସିଥିଲେ। ପ୍ରଶାସନ ଜୋରଜବରଦସ୍ତ ଭୟଭୀତ କରାଇ ଯେଉଁ ନିଷ୍ପତ୍ତି ନେଉଛି, ତାହା ଠିକ୍ ନୁହେଁ। ମହାପ୍ରଭୁଙ୍କ ସୁରକ୍ଷା ପାଇଁ ସେମାନେ ତ୍ୟାଗ କରିବାକୁ ପ୍ରସ୍ତୁତ, କିନ୍ତୁ ପ୍ରଥମେ ଥଇଥାନ କରି ତାଙ୍କୁ ବିସ୍ଥାପିତ କରାଯାଉ ବୋଲି ବ୍ୟବସାୟୀମାନେ କହିଛନ୍ତି।



- ଉପାୟଶୂନ୍ୟ ହୋଇ ଦୋକାନ ଖାଲି କଲେ
- ଦୋକାନୀ ଚଳିବେ କେମିତି : ବିଧାୟକ

ଲଙ୍ଗୁଳି ମଠ କୋଠାରେ ଦୋକାନ କରିଥିବା କୃଷ୍ଣମୋହନ ସାହୁ କହିଛନ୍ତି, ପ୍ରଶାସନ ଆମକୁ କୌଣସି ନୋଟିସ ଦେଇନାହିଁ କିମ୍ବା କୌଣସି ଆଲୋଚନା ନ କରି ତରବରିଆ ଭବେ ଦୋକାନ ଖାଲି କରିବାକୁ କହିଛି। ଆମେ ଏ ନେଇ ଭୟଭୀତ ଅଛୁ। ଶ୍ରୀଜଗନ୍ନାଥଙ୍କ ପାଇଁ ଆମେ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛୁ। କିନ୍ତୁ ଆଗ ଥଇଥାନ କରି ପରେ ଭଙ୍ଗାଯାଉ। ଅନ୍ୟତମ ବ୍ୟବସାୟୀ ତପନ କୁମାର ସାହୁ କହିଛନ୍ତି, ବାପଅଜା ଅମଳରୁ ଆମେ ଠାକୁରଙ୍କ ପାଇଁ ତ୍ୟାଗ କରିଆସୁଛୁ। ଏବେ ପୁଣି ତ୍ୟାଗ କଥା କହୁଛନ୍ତି ଠିକ୍ ଅଛି, କିନ୍ତୁ ପ୍ରଥମେ ଥଇଥାନ କରି ଆମକୁ ଉଚ୍ଛେଦ କରାଯାଉ। ୭୫ ମିଟର ଭିତରେ ଆମ ଘର ମଧ୍ୟ ଯାଉଛି। ଦୋକାନ ଜିନିଷପତ୍ର ନେଇ କେଉଁଠି ରଖିବୁ? ଘର ଭାଙ୍ଗିଲେ ପିଲାଛୁଆ ଏବଂ ରୋଗରେ ପଡ଼ିଥିବା ମା'ବାପାଙ୍କୁ ଧରି କେଉଁଠି ରହିବୁ ବୋଲି ତପନ ପ୍ରଶ୍ନ କରିଛନ୍ତି। କେବଳ କୃଷ୍ଣ କିମ୍ବା ତପନ ନୁହନ୍ତି, ସବୁ ବ୍ୟବସାୟୀ ଥଇଥାନ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉପାୟଶୂନ୍ୟ ହୋଇ ଦୋକାନ ଘର ଖାଲି କରିଥିଲେ ବ୍ୟବସାୟୀ। ବଡ଼ ବଡ଼ ବ୍ୟବସାୟୀ ଗାଡିରେ ଜିନିଷପତ୍ର ଲଦି ନେଉଥିବା ବେଳେ ଆଉ କେହି ଲୋକଙ୍କୁ ଲଗାଇ ମୁଣ୍ଡରେ ଜିନିଷପତ୍ର ଲଦି ଦୋକାନ ଘର ଖାଲି କରୁଥିଲେ। ତେବେ ତରବରିଆ ଭାବେ ଦୋକାନ ଭାଙ୍ଗିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ସ୍ଥାନୀୟ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ସେ କହିଛନ୍ତି, ବର୍ତ୍ତମାନ ଦୋକାନ ଭାଙ୍ଗିଲେ ବ୍ୟବସାୟୀମାନେ କେଉଁଠି ଥଇଥାନ ହେବେ। ପ୍ରଥମେ ତାଙ୍କୁ ଥଇଥାନ କରାଯିବା ଦରକାର। ସାଧାରଣତଃ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ତିଆରି ପାଇଁ ୨/୩ ବର୍ଷ ସମୟ ଲାଗିବ। ଦୋକାନୀମାନେ ଚଳିବେ କେମିତି, କ'ଣ ଖାଇବେ? ଯଦି ଏଭଳି ନିଷ୍ପତ୍ତି ନେବାର ଥିଲା ତେବେ ୨/୩ ବର୍ଷ ପୂର୍ବରୁ ଦୋକାନ ଘର ତିଆରି କରିବାର ଥିଲା ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି।

## ଯୌତୁକ ପାଇଁ ବଧୂଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

**ନିମାପଡ଼ା,୨୬।୮ (ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଗ୍ରାମର ଜଣେ ବଧୂଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ନିଆଁରେ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିବା ସୋମବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୧୬/୧୯)ରୁଜୁ କରି ତଦନ୍ତ ଚଳାଇଛି। ପିପିଲି ଅଞ୍ଚଳର ବନ୍ଦନା ଦାଶ ୨୦୧୬ ମସିହାରେ ବାମନାଳ ଗ୍ରାମର ବ୍ରଜବନ୍ଧୁ ଦାଶଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୂଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବହାର କିଛି ମାସ ପରେ ବାପ ଘରୁ ଅଧିକ ୧ଲକ୍ଷ ଟଙ୍କା ଓ ଗୋଟିଏ କାର ଆଣିବାକୁ ଶାଶୂଘର ଲୋକେ ବନ୍ଦନାଙ୍କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୂଘର ଲୋକେ ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ। ଗତ ଶନିବାର ରାତିରେ ବନ୍ଦନାଙ୍କୁ ସ୍ୱାମୀ ବ୍ରଜବନ୍ଧୁ, ଶାଶୂ, ଶ୍ୱଶୁର ମିଳିତଭାବେ ମାଡ଼ ମାରିବା ସହ କିରୋସିନ ଢାଳି ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ। ବନ୍ଦନାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତାଙ୍କ ସ୍ୱାମୀ ବ୍ରଜବନ୍ଧୁ, ଶାଶୂ ଓ ଶ୍ୱଶୁରଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପୁରୀ ଷ୍ଟେଶନରେ ନିଆଁ, ଯାତ୍ରୀ ଭୟଭୀତ

**ପୁରୀ ଅଫିସ, ୨୬।୮:** ପୁରୀ ଷ୍ଟେଶନରେ ପୁଣି ନିଆଁକୁ ନେଇ ଭୟ। ରବିବାର ରାତିରେ ପ୍ଲାଟଫର୍ମରେ ନିଆଁ ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ମିଳିଥିବା ସୂଚନା ମୁତାବକ, ରବିବାର ରାତି ୧୦ଟା ୧୫ରେ ୪ ନଂ. ପ୍ଲାଟଫର୍ମରୁ ଜଗନ୍ନାଥ ଏକ୍ସପ୍ରେସ୍ (ପୁରୀ-ହାୱଡା) ଛାଡିବାକୁ ଥିଲା। ଟ୍ରେନ୍ ଛାଡିବାକୁ ଅଳ୍ପ ସମୟ ଥିବା ବେଳେ ହଠାତ୍ ପ୍ଲାଟଫର୍ମ ମଝିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଏହାଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେହି ନିଆଁକୁ ଲିଭାଇ ଦିଆଯାଇଥିଲା। କିନ୍ତୁ ଏହାକୁ ଷ୍ଟେଶନ ଡାଇରେକ୍ଟର ଅସ୍ୱୀକାର କରିଛନ୍ତି। ଏହା କୌଣସି ଅଗ୍ନିକାଣ୍ଡ ନ ଥିଲା। ପ୍ଲାଟଫର୍ମ ମଝିରେ ୱେଲଡିଙ୍ଗ ଚାଲିଥିବା ବେଳେ ତାର ଜଳି ଯାଇଥିଲା। ଏହାକୁ ଦେଖି ଯାତ୍ରୀମାନେ ଭୟଭୀତ ହୋଇଥାଇ ପାରନ୍ତି। ଏ ନେଇ କୌଣସି ଅସୁବିଧା ହୋଇନାହିଁ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗତ ମାର୍ଚ୍ଚ ୨୨ ତାରିଖ ହୋଲିଦିନ ହାତିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟି ୩ଟି ବଗି ଜଳିଯାଇଥିଲା।

### କାଳୀୟ ଦଳନ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ,୨୬।୮ (ଡି.ଏନ୍.ଏ.):** ପ୍ରତିବର୍ଷ ଭାଦ୍ରବ କୃଷ୍ଣ ଏକାଦଶୀ ତିଥି ସୋମବାର ରାତିରେ ସାକ୍ଷୀଗୋପାଳ ଠାକୁରଙ୍କୁ କାଳୀୟ ଦଳନ ବେଶରେ ଦେଖିବାକୁ ମିଳିଛି। ଠାକୁରଙ୍କ ଚନ୍ଦା ଚରଣକୁ ଆଚ୍ଛାଦିତ କରାଯାଇ ସୋଲରେ ନିର୍ମିତ ଗୋଡ, ହାତ ଖଞ୍ଜି ଦିଆଯାଇଥିଲା। ଦର୍ଜି ଓ ମଣ୍ଡଣି ସୁଆଁସିଆ ସେବକ ପ୍ରସ୍ତୁତ କରିଥିବା କାଳୀୟ ନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଖଞ୍ଜା ଯାଇଥିବା ବେଳେ ସପ୍ତଫେଣୀ ନାଗ ଫଣାରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରି ବିଷଧରକୁ ନିୟନ୍ତ୍ରଣ କରୁଥିବା ଭକ୍ତମନ ହରଣ କରିଥିଲା। ଦୈନନ୍ଦିନ ଦେବନୀତି ସହ ଗୋଧନ ବାହୁଡା ଭୋଗପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନ ଓ ଲବଣୀ ଚୋରା ଠାକୁର ବିମାନରେ ରଙ୍ଗଣୀସାହିସ୍ଥିତ ଲବଣୀଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୁଳର କୁଳବଧୂମାନେ ଠାକୁରଙ୍କ ବନ୍ଦାପନା କରି ଶ୍ରଦ୍ଧାରେ ସର ଲବଣୀ ଆଦି ଭୋଗ ଦେଇଥିଲେ। ପରେ ଠାକୁର ରାଧାକୁଣ୍ଡକୁ ବିଜେ କରିବାପରେ ସେଠାରେ ପନ୍ତିଭୋଗ ଆଳତି ଉପଚାର ଅନୁଷ୍ଠିତ ହୋଇଥିଲା। ରାଧାକୁଣ୍ଡରେ ଆୟୋଜିତ କଳୀୟ ଦଳନ ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣୀ ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟଜଣେ ବିଶୋଇ ସେବକ ଗରୁଡ ବେଶ ଧାରଣ କରି ସେବାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ପର୍ବରେ ଗରୁଡ ସେବା ଏକ ନିଆରା ଓ ପାରମ୍ପରିକ ଆକର୍ଷଣୀୟ ସେବା। ବର୍ଷକୁ ଗୋଟିଏ ଦିନ ଏହି ସେବା ନିର୍ବାହ କରାଯାଉଛି। କଂସ ମହାରାଜାଙ୍କ ଅଦେଶରେ କାଳନ୍ଦୀ ହ୍ରଦକୁ ଲକ୍ଷେପଦ୍ମ ତୋଳିବାକୁ ଯାଇଥିବା ଶ୍ରୀକୃଷ୍ଣ କାଳୀୟ ନାଗ ଦଂଶନରେ ମୂର୍ଚ୍ଛିତ ହୋଇଥିଲେ। କୃଷ୍ଣଙ୍କ ବିଷ ହରଣ କରିବାକୁ ଗରୁଡ ସେବା କରାଯାଇଥାଏ। କୃତ୍ରିମ କାଳୀୟ ହ୍ରଦ ରାଧାକୁଣ୍ଡରେ ଏହି ଲୀଳା କରାଯାଇଥିଲା। ସେଠାରେ ଗରୁଡ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଡେଣାରେ ଝାଡିବା ଅମୃତ କୋରା ଭୁଞ୍ଜାଇ ବିଷଜ୍ୱାଳା ହରଣ କରି ଠାକୁରଙ୍କୁ ସଚେତ କରାଇଥିଲେ। ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମର ଠାକୁରଙ୍କ ବିଶୋଇ ସେବକ ନାରାୟଣ ମହାପାତ୍ର ବଶାଂନୁକ୍ରମେ ଏହି ସେବା କରିଆସୁଛନ୍ତି।



ପୁରୀ ମାର୍କଣ୍ଡ ପୁଷ୍କରିଣୀରେ ସୋମବାର କାଳୀୟଦଳନ ନୀତି ସମ୍ପନ୍ନ କରାଯାଉଛି।

# 'ପୁରୀରେ ବିମାନବନ୍ଦର ହେବା ଦରକାର'

**ପୁରୀ ଅଫିସ, ୨୬।୮**

- ପୁରୀ, କୋଣାର୍କକୁ ୧୫ଟି ଐତିହ୍ୟ ସ୍ଥାନ ସହ ଯୋଡ଼ାଯିବ
- କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯିବ

ପୁରୀ ଏବଂ କୋଣାର୍କ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ରହିଛି। ଏଠାରେ ଆହୁରି ସୁବିଧା ସୁଯୋଗ ସୃଷ୍ଟି କରାଗଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ପୁରୀ ଏବଂ କୋଣାର୍କକୁ ୧୫ଟି ଐତିହ୍ୟ ସ୍ଥାନ ସହ ଯୋଡ଼ାଯିବ। ଏହାଦ୍ୱାରା ପର୍ଯ୍ୟଟନର ବିକାଶ ହେବା ସହିତ ବିଭିନ୍ନ ରାଜ୍ୟର ସଂସ୍କୃତି ଏବଂ ଐତିହ୍ୟ ବିଷୟରେ ଜାଣି ହେବ। ପୁରୀରେ ଏକ ବିମାନବନ୍ଦରର ଆବଶ୍ୟକତା ରହିଛି ଏବଂ ଏହା ହେବା ଦରକାର ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ପୁରୀକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ଗଣମାଧ୍ୟମକୁ ରାଜ୍ୟପାଳ କହିଥିଲେ, ବିମାନବନ୍ଦର ହେଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବ। ଦେଶ, ବିଦେଶର ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ଫଳରେ ଏହା ଏକ ଟୁରିଷ୍ଟ ହବ୍ ହେବ। ସେହିପରି ପୁରୀରେ ବର୍ତ୍ତମାନ ଉଚ୍ଛେଦକୁ ନେଇ ଲୋକଙ୍କ ଭିତରେ ଯେଉଁ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି ସେ ସମ୍ପର୍କିତ ପ୍ରଶ୍ନରେ ରାଜ୍ୟପାଳ କହିଥିଲେ, ଏ ନେଇ ଜିଲାପାଳଙ୍କ ସହ କଥା ହୋଇଛି। ସହରର ବିକାଶ କରାଯିବା ଠିକ୍। ଏହି ବିକାଶ ପାଇଁ ଯେଉଁମାନେ କ୍ଷତିଗ୍ରସ୍ତ ହେଉଛନ୍ତି ସେମାନଙ୍କୁ ଥଇଥାନ କରାଯିବା ଲାଗି ପ୍ରଶାସନ ଗୁରୁତ୍ୱ ଦେଉଛି। କାହା ସହିତ କିଛି ଜୋରଜବରଦସ୍ତି କରାଯିବ ନାହିଁ। ଯେଉଁ ଦୋକାନୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି ସେମାନଙ୍କୁ ଥଇଥାନ କରାଯିବ। ବର୍ତ୍ତମାନ ସେମାନଙ୍କ ଜୀବନଧାରଣର ମାନ ଯେଉଁଭଳି ରହିଛି ତାହାଠାରୁ କିପରି ଅଧିକ ଉନ୍ନତ ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛି। ଯେଉଁ ମଠ କ୍ଷତିଗ୍ରସ୍ତ ହେଉଛି ତାହାକୁ ଥଇଥାନ କରାଯିବ। ବିଶେଷକରି ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରି ଏହା କରାଯିବା ଦରକାର। ଏହା କରା ନ ଗଲେ ଠିକ୍ ନିଷ୍କର୍ଷ ବାହାରିପାରିବ ନାହିଁ ବୋଲି ରାଜ୍ୟପାଳ କହିଥିଲେ।

## ପଶ୍ଚିମବଙ୍ଗ ରସଗୋଲା ଜିଆଇ ଟ୍ୟାଗ୍‌କୁ ଚ୍ୟାଲେଞ୍ଜ

# ବିଜୟ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ପଦଯାତ୍ରୀ ଦଳ।

**ପୁରୀ ଅଫିସ, ୨୬।୮**

ପଶ୍ଚିମବଙ୍ଗ ରସଗୋଲାର ଜିଆଇ ମାନ୍ୟତାକୁ ହଟାଇବା ପାଇଁ ମାଡ୍ରାସସ୍ଥିତ ଜିଆଇ ରେଜିଷ୍ଟ୍ରେଶନରେ ଆସନ୍ତା ୬ ତାରିଖରେ ଶୁଣାଣି ରହିଛି। ଏହି ଶୁଣାଣିରେ ବିଜୟ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ଲାଗି ପଦଯାତ୍ରା ଅନୁଷ୍ଠିତ ହୋଇଛି। ରିଜିଓନାଲ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ, ଓଡ଼ିଆ ପର୍ବ, ପୁଣ୍ୟ ଉତ୍କଳ ପକ୍ଷରୁ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା। ସୋମବାର ଏହି ପଦଯାତ୍ରା ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରୁ ବାହାରି ଉତ୍ତରା ପର୍ଯ୍ୟନ୍ତ ଆସିଥିଲା। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସିଥିଲା ଏହି ପଦଯାତ୍ରା। ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଓଡ଼ିଆ ପର୍ବର ସମ୍ପାଦକ ସନ୍ତୋଷ କୁମାର ସାହୁ କହିଥିଲେ, ପଶ୍ଚିମବଙ୍ଗ ସରକାର ଚଞ୍ଚକତା କରି ବାଂଲାର ରସଗୋଲା ନାଁରେ ଜିଆଇ ହାତେଇ ନେବା ସହ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବିଭିନ୍ନ ପ୍ରକାର ଅପମାନସୂଚକ ବକ୍ତବ୍ୟ ବଙ୍ଗଳା ଲେଖକ ହରିପଦ ଭୌମିକ ଏକ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ବାଂଲାର ରସଗୋଲା ଜିଆଇ ଟ୍ୟାଗ୍‌କୁ ବିରୋଧ କରି ଜିଆଇ ରେଜିଷ୍ଟ୍ରିରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ମାଡ୍ରାସରେ ହେବ। ଏହି ଶୁଣାଣିରେ ବିଜୟ ପାଇଁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କଠୁ ଆଶୀର୍ବାଦ ଭିକ୍ଷା ଲାଗି ଏହି ପଦଯାତ୍ରା କରାଯାଇଛି।

# ଜାତୀୟ ବର୍ଷା ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

**ପୁରୀ ଅଫିସ, ୨୬।୮**

ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚାଲିଥିବା ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀକାନ୍ତ ଏଜେନ୍ସି ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ପାତ୍ର, ସେବାୟତ ମଧୁସୂଦନ ସିଂହାରୀ, ବରିଷ୍ଠ ତବଲା ବାଦକ ତଥା ଖବରଦାତା ଶଙ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷ ରଜନୀର ପ୍ରଥମ ଅର୍ଘ୍ୟରେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନ ଶିବପଞ୍ଚକ, ଆହେ ନୀଳଶୈଳ, ଡ. ଆରକଦେବ ଭଟ୍ଟାଚାର୍ଯ୍ୟ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। କଲିକତାର ସୋହିନୀ ବନ୍ଦ୍ୟୋପାଧ୍ୟାୟ କଥକ ନୃତ୍ୟ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ କଲିକତାର ଅବିର ମୁଖାର୍ଜୀ, ଗୁରୁ ସତ୍ୟନାରାୟଣ ଗୁରୁ, ହରିଶ୍ ଚନ୍ଦ୍ର ଦାସ, ଅନିଲ କୁମାର ଦାସ ଓ ମାଧବ ଶ୍ରୀଚନ୍ଦନ ପ୍ରମୁଖ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ।

ଆୟୋଜକ ପୁରୀ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏକାଡେମୀର ସମ୍ପାଦକ ନୃତ୍ୟଗୁରୁ ନାରାୟଣ ପାଣ୍ଡେ ଉତ୍ସବ ପରିଚାଳନା କରିଥିଲେ। ନୃତ୍ୟଶିଳ୍ପୀ ରୋଜାଲିନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଗୁରୁ ଲିଙ୍ଗରାଜ ବେହେରା, କୃଷ୍ଣକୁମାର ଦାସ, କୁମାର ଭୀମସେନ, ଦୁର୍ଗାପ୍ରସାଦ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, ଅବିର ମୁଖାର୍ଜୀ, ଗୁରୁ ସତ୍ୟନାରାୟଣ, ସୋହିନୀ ବନ୍ଦ୍ୟୋପାଧ୍ୟାୟ ଏବଂ ନୃତ୍ୟଶିଳ୍ପୀ ରୋଜାଲିନ ମହାନ୍ତି, ତବଲା ବାଦକ ଶଙ୍କର ବେହେରା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।





ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଅପରାଧକୁ ବରଦାସ୍ତ କରାଯିବ ନାହିଁ: ଡିଆଇଜି

**ପୁରୀ ଅଫିସ, ୨୬।୮**

- ନିୟନ୍ତ୍ରଣ ଲାଗି ଦେଲେ କର୍ମମନ୍ତ୍ର
- ଲୋକଙ୍କୁ ଉତ୍ତମ ବ୍ୟବହାର କର

କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଆଶିଷ କୁମାର ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀକ୍ଷେତ୍ରର ଆଇନଶୃଙ୍ଖଳା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି। ଆଗାମୀ ଦିନରେ ପୁରୀ ସହରକୁ ଅପରାଧମୁକ୍ତ ସହର ଭାବେ ଗଠନ ଲାଗି ଉଦ୍ୟମ ଜାରି ରହିବ। କୌଣସି ପରିସ୍ଥିତିରେ ଅପରାଧକୁ ବରଦାସ୍ତ କରାଯିବ ନାହିଁ। କୌଣସି ବ୍ୟକ୍ତି ଆଇନ ହାତକୁ ନେଲେ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ହାର୍ଡକୋର ଅପରାଧୀଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ଥାନାକୁ ସଦୃଢ଼ କରିବା ସହିତ ଭିତ୍ତିଭୂମିର ବିକାଶ କରାଯିବ ବୋଲି ଡିଆଇଜି ସିଂ କହିଛନ୍ତି। ଡିଆଇଜି କହିଲେ ଯେ, ଥାନା ଅଞ୍ଚଳରେ ରହିଥିବା ଅପରାଧୀଙ୍କ ଉପରେ ନଜର ରଖିବା ଲାଗି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ସହ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ବେଳାଭୂମି ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ଦର୍ଶନ ଏବଂ ସ୍ୱର୍ଣ୍ଣାଭ ବେଳାଭୂମି ପ୍ରତି ଆକୃଷ୍ଟ ହୋଇ ଲକ୍ଷାଧିକ ପର୍ଯ୍ୟଟକ ପୁରୀକୁ ଆସୁଛନ୍ତି। ଅନେକ ସମୟରେ ଲୁଟ୍, ଆକ୍ରମଣର ଶିକାର ହେଉଛନ୍ତି। ସେମାନଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ବେଳାଭୂମି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପୁରୀ ବେଳାଭୂମି ବ୍ଲୁ ଫ୍ଲାଗ୍ ମାନ୍ୟତା ଲାଭ କରିଛି। ବେଳାଭୂମିରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ମାଳତିପାଟପୁର ବସ୍‌ଷ୍ଟାଣ୍ଡକୁ ପର୍ଯ୍ୟଟକଙ୍କ ଶୋଷଣମୁକ୍ତ କରାଯିବ। ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଶ୍ରୀମନ୍ଦିର ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର ପୁରୀ ସହରକୁ ଏକ ଅନ୍ତର୍ଜାତୀୟସ୍ତରୀୟ ସହରରେ ପରିଣତ ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହାଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ବିଶ୍ୱ ମାନଚିତ୍ରରେ ପୁରୀ ସ୍ୱତନ୍ତ୍ର ସ୍ଥାନ ଲାଭ କରିପାରିବ। ସମସ୍ତଙ୍କ ସହଯୋଗ ରହିଲେ ଏହା ସମ୍ଭବ ହୋଇପାରିବ। ଏହି ଅବସରରେ ପୋଲିସ ଅଧିକାରୀଙ୍କ ସହ ପୁରୀ ସହରର ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ। କ୍ରାଇମ୍ ରେକର୍ଡକୁ ତର୍ଜମା କରିଥିଲେ। ଲୋକଙ୍କ ସହିତ ମିଶି କାମ କର। ଲୋକଙ୍କ ବିଶ୍ୱାସଭାଜନ ହୁଅ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର କର ବୋଲି ସେ ପରାମର୍ଶ ଦେଇଥିଲେ।

## ଜୈସ-ଇ-ମହମ୍ମଦର ଅଣ୍ଡର ୱାଟର ଆକ୍ରମଣ ଯୋଜନା

# ଟାର୍ଗେଟରେ ଶ୍ରୀମନ୍ଦିର, ବଢ଼ିଲା ସୁରକ୍ଷା

**ପୁରୀ ଅଫିସ, ୨୬।୮**



- ସମୁଦ୍ରତଟ ଉପରେ ନଜର
- ସତର୍କ ରହିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ

ଭାରତର ବିଭିନ୍ନ ସ୍ଥାନ ଉପରେ ଜଳମାର୍ଗ ମାଧ୍ୟମରେ ଆକ୍ରମଣ ଲାଗି ଆତଙ୍କବାଦୀ ସଙ୍ଗଠନ ଜୈସ-ଇ-ମହମ୍ମଦ ଅଣ୍ଡର ୱାଟର ୱିଙ୍ଗ ପ୍ରସ୍ତୁତ କରୁଥିବା ନେଇ ଭାରତୀୟ ଗୋଇନ୍ଦା ବିଭାଗ ସର୍ତକ କରିଛି। ପ୍ରଥମେ ଲସ୍କର-ଇ-ତୋଇବା ଏବେ ଜୈସ-ଇ-ମହମ୍ମଦ ଭାରତ ଉପରେ ଆକ୍ରମଣ ଲାଗି ଯୋଜନା ପ୍ରସ୍ତୁତ କରୁଛି। ରିପୋର୍ଟକୁ ଆଧର କରି ଭାରତ ସରକାର ସମସ୍ତ ରାଜ୍ୟକୁ ହାଇଆର୍ଲାଟ ଜାରି କରିଛନ୍ତି। ଭାରତର ପ୍ରମୁଖ ସ୍ଥାନମାନଙ୍କରେ ଏହି ଆକ୍ରମଣ ହୋଇପାରେ। ଏଥିରେ ଶ୍ରୀମନ୍ଦିର ଆସୁଥିବା ଜଣାପଡିଛି। ଶ୍ରୀମନ୍ଦିର ସୁରକ୍ଷା ଲାଗି ଗୋଇନ୍ଦା ବିଭାଗ ରାଜ୍ୟ ସରକାରଙ୍କୁ ସତର୍କ କରିଛି। ରାଜ୍ୟ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମୁଦ୍ରତଟ ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡାକଡି ଲାଗି ଗୃହ ବିଭାଗ ପକ୍ଷରୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି। ଏନେଇ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଶ୍ରୀମନ୍ଦିର ଓ ସମୁଦ୍ରତଟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶ୍ରୀମନ୍ଦିରରେ ସିସିଟିଭି ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ୪ସାମୁଦ୍ରିକ ଥାନା ସମେତ ଜିଲାର ସମସ୍ତ ଥାନାକୁ ସର୍ତକ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ବେଳାଭୂମିରେ ସୁରକ୍ଷାକୁ କଡାକଡି କରାଯାଇଛି। ପେଣ୍ଟକଟା ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିରେ ପୋଲିସ ପାଟ୍ରୋଲିଂ କରାଯିବ। ଯେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବେଳାଭୂମି ଅଥବା ସହରରେ ବୁଲୁଥିବା ନଜରକୁ ଆସିଲେ, ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାତ୍ରୀ ପାଟ୍ରୋଲିଂ, ପ୍ରବେଶ ପଥରେ ଯାନବାହନ ଚେକିଂ କଡାକଡି କରାଯାଇଛି। ଏନେଇ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଏସ୍‌ପି ଦାଶ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଅଗଷ୍ଟ, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଫେରାର ସ୍ୱାମୀ ଗିରଫ

**ବାଲିଅନ୍ତା,୨୬।୮(ଡି.ଏନ୍.ଏ.):** ପ୍ରଥମ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଦୀର୍ଘ ୨୦ମାସ ଧରି ଫେରାର ଥିବା ସ୍ୱାମୀଙ୍କୁ ବାଲିଅନ୍ତା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ନୂଆପାଟଣା ଗ୍ରାମର ବିଶ୍ୱଜିତ ସାହୁ। ସେ ବାଲକାଟିରେ ରହି ବ୍ୟବସାୟ କରୁଥିଲେ। ସୂଚନା ମୁତାବକ, ବିଶ୍ୱଜିତ ସେହି ଅଞ୍ଚଳର ଲିପିକା ବେହେରାଙ୍କୁ ଗତ ୨୦୦୩ ମସିହାରେ ବିବାହ କରିଥିଲେ। ପରେ ସେ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖି ପିପିଲି ଅଞ୍ଚଳରେ ରହୁଥିଲେ। ଏ ନେଇ ଲିପିକା ଓ ବିଶ୍ୱଜିତଙ୍କ ମଧ୍ୟରେ ବଚସା ଲାଗି ରହୁଥିଲା। ଏପରିକି ବାପଘରୁ ୫ଲକ୍ଷ ଟଙ୍କା ଆଣିବା ପାଇଁ ବିଶ୍ୱଜିତ ସ୍ତ୍ରୀ ଲିପିକାଙ୍କୁ ମାରଧର ସହ ନାନା ଧମକ ଚମକ ଦେଇ ଆସୁଥିଲେ। ଏ ନେଇ ଲିପିକା ୧୪/୧୧/୧୭ରେ ତାଙ୍କ ସ୍ୱାମୀଙ୍କ ବିରୋଧରେ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ ୩୦୭/୧୭ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ଅଭିଯୁକ୍ତ ବିଶ୍ୱଜିତ ଫେରାର ଥିଲେ। ତେବେ ସୋମବାର ପୋଲିସ କୌଣସିସୂତ୍ରରୁ ବିଶ୍ୱଜିତ ପିପିଲି ଅଞ୍ଚଳରେ ଥିବା ଖବରପାଇ ସେଠାରେ ଚଢ଼ାଉ କରି ଧରିଥିଲା।

### ହସ୍ପିଟାଲରେ ଡାକ୍ତରଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିବା ସହ ଜଣେ ମହିଳା ଡାକ୍ତରଙ୍କୁ ଗାଲିଗୁଲଜ କରି ହତ୍ୟା ଧମକ ଦେବା ଅଭିଯୋଗରେ ସୁକାନ୍ତ ମୁଖୀଙ୍କୁ ପୋଲିସ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁକାନ୍ତଙ୍କ ଘର ବାଲିଅନ୍ତା ଥାନା ଅଧୀନ ବନମାଳିପୁର ଅଞ୍ଚଳରେ ବୋଲି ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଗତ ୨୩ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଶ୍ୱେତା ପାଣିଗ୍ରାହୀ ରୋଗୀଙ୍କୁ ଦେଖୁଥିଲେ। ଏହି ସମୟରେ କେତେଜଣ ଯୁବକ ମଦ୍ୟପାନ କରି ହସ୍ପିଟାଲ ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ରୋଗୀଙ୍କ ଭିଡ଼ ଲାଗିଥିବାରୁ ସିକ୍ୟୁରିଟି ଗାର୍ଡ ସେହି ଯୁବକମାନଙ୍କୁ ଅଟକାଇଥିଲେ। ସେମାନେ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିବା ସହ ଡାକ୍ତରଙ୍କ ଚ୍ୟାମ୍ବରରେ ଜୋର ଜବରଦସ୍ତି ପଶି ଡାକ୍ତର ପାଣିଗ୍ରାହୀଙ୍କୁ ଗାଲିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଡାକ୍ତର ପାଣିଗ୍ରାହୀ କ୍ୟାପିଟାଲ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୋଲିସ। ଘଟଣାର ୩ଦିନ ପରେ ସୋମବାର ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୨ ଜଣ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି।

### ସ୍ୱରାରବିନ୍ଦ- ଅରବିନ୍ଦ ମୁଦୁଲିଙ୍କ ଜୟନ୍ତୀ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ):** ବିଶିଷ୍ଟ ଜଗନ୍ନାଥ ଭଜନ ସ୍ରଷ୍ଟା ସ୍ୱରାରବିନ୍ଦ-ଅରବିନ୍ଦ ମୁଦୁଲିଙ୍କ ୫୮ ତମ ଜନ୍ମ ଦିବସ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମୁଦୁଲିଙ୍କଠାରୁ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗୀତିକାର, ସଙ୍ଗୀତଜ୍ଞ ଏବଂ ବହୁ ଭଜନପ୍ରେମୀ ଯୋଗଦେଇ ଅରବିନ୍ଦଙ୍କ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରଣକୁ ଓକିଲ ସଂଘର ବିରୋଧ

# ପ୍ରତିବାଦରେ ୨ଦିନ କୋର୍ଟ ବର୍ଜନ ନିଷ୍ପତ୍ତି

ପୁରୀ ଅଫିସ, ୨୬।୮



ପୁରୀ ବାର୍ ଆସୋସିଏଶନରେ ଅନୁଷ୍ଠିତ ସାଧାରଣ ବୈଠକ।

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ପୁରୀ ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସୋମବାର ଏହାର ପ୍ରତିବାଦରେ ଓକିଲ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଏହି ନିଷ୍ପତ୍ତିର ପୁନଃ ବିଚାର କରନ୍ତୁ ବୋଲି ବହୁ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଲୋକେ ହଇରାଣ ହେବେ। ବହୁ ଦୂରରୁ କୌଣସି କାମରେ ଆସୁଥିବା ଗରିବ, ଖଟିଖିଆ ଲୋକ ଅଧିକ ଖର୍ଚ୍ଚାନ୍ତ ହେବେ। ଅନ୍ୟପଟେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବ। ସୁରକ୍ଷା ନେଇ ମଧ୍ୟ ବଡ଼ ପ୍ରଶ୍ନବାଚୀ ରହିଛି ବୋଲି ବହୁ ଓକିଲ ନିଜ ମତ ଉପସ୍ଥାପନ କରିଥିଲେ। ସଂଘ ନିଷ୍ପତ୍ତିକ୍ରମେ ଆସନ୍ତା ୨୭ ଓ ୨୮ କୋର୍ଟ ବର୍ଜନ କରାଯିବ। ଜିଲାପାଳ, ତହସିଲ ଏବଂ ଉପଜିଲାପାଳଙ୍କ କୋର୍ଟ କାର୍ଯ୍ୟରେ ଓକିଲମାନେ ଯୋଗଦାନ କରିବେ ନାହିଁ ବୋଲି ସଂଘ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି। ସରକାର ତୁରନ୍ତ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିଲେ, ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ପ୍ରକାଶ ଯେ, ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀ ସହରର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୬୫ କୋଟି ଅର୍ଥ ମଞ୍ଜୁର କରିଛନ୍ତି। ପ୍ରାୟ ୧୦ ଏକର ଜମିରେ ଲୋକସଭା ଭବନ ନିର୍ମାଣ ପ୍ରସ୍ତାବ ରହିଛି। ପ୍ରସ୍ତାବିତ ଲୋକସଭା ଭବନରେ ଜିଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିବ। ପ୍ରସ୍ତାବିତ ଲୋକସଭା ଭବନ ବଳିଆପଣ୍ଡା କିମ୍ବା ଶିପସରୁବାଲି ମୌଜାରେ ନିର୍ମାଣ ସମ୍ଭାବନା ରହିଛି। ଗୋଟିଏ କୋଠା ତଳେ ସବୁ କାର୍ଯ୍ୟାଳୟ ଓ ଅଫିସ ରହିଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି ସରକାର ଆଶା କରିଛନ୍ତି। ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଉପସଭାପତି ଦେବେନ୍ଦ୍ରନାଥ ମିଶ୍ର, ଯୁଗ୍ମ ସମ୍ପାଦକ ସଂଗ୍ରାମ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପାଣିଗ୍ରାହୀ, ଅନୁପ ପୃଷ୍ଟି, ଅସୀମ ବାନାର୍ଜୀ, ଚିତ୍ତରଞ୍ଜନ ବିଶ୍ୱାଳ, ରତିକାନ୍ତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବର୍ଷରେ ପୁରୀରେ ୧୦ ଏନ୍‌କାଉଣ୍ଟର

ପୁରୀ ଅଫିସ, ୨୬।୮:

ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କେତେକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀଙ୍କୁ ଏନ୍‌କାଉଣ୍ଟର ମଧ୍ୟ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ପୁରୀ ପୋଲିସ ଗତ ୩ ବର୍ଷ ମଧ୍ୟରେ ୯ଟି ଏନ୍‌କାଉଣ୍ଟର କରିଥିବାବେଳେ ଶନିବାର ରାତିରେ ୧୦ମ ଏନ୍‌କାଉଣ୍ଟର କରିଛି। ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଦିବାନା ବେହେରା ଆହତ ହୋଇଛନ୍ତି। ବାସେଳିସାହି ଥାନା ଅଞ୍ଚଳରେ ଏକ ଡକାୟତି ମାମଲାରେ ସେ ଫେରାର ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୨୫ଟି ମାମଲା ରହିଛି।

**୨୦୧୭ରେ ସର୍ବାଧିକ ୬ ଏନ୍‌କାଉଣ୍ଟର:** ଏହି ବର୍ଷ ଏପ୍ରିଲ ୧୪ରେ ଘଟିଥିଲା ପ୍ରଥମ ଏନ୍‌କାଉଣ୍ଟର। ଡେଲାଙ୍ଗରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ପୋଲିସ ଗୁଳିରେ ଅପରାଧୀ ଗୋରା ଓରଫ ସୂର୍ଯ୍ୟକାନ୍ତ ମଲ୍ଲିକ ଆହତ ହୋଇଥିଲେ। ସଦର ଥାନା ଅଧୀନ ଗୋପୀନାଥପୁର ଗୁଳିମାଡ଼ ଓ ଅଠରନଳା ବୋମାମାଡ଼ ଘଟଣାରେ ଗୋରାଙ୍କର ସମ୍ପୃକ୍ତି ରହିଥିଲା। ଏପ୍ରିଲ ୨୧ରେ ଗୋପ ନିକଟରେ ଦ୍ୱିତୀୟ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ଅପରାଧୀ ରବି ପ୍ରଧାନ ଓରଫ ଅବ ଆହତ ହୋଇଥିଲେ। ଏପ୍ରିଲ ୧୧ରେ ତାଳବଣିଆ ଥାନା ଅଧୀନ ବାଲିଘାଟର ଭାଗୁ ପ୍ରଧାନଙ୍କୁ ଗୁଳିମାଡ଼ ଘଟଣାରେ ସେ ଅଭିଯୁକ୍ତ ଥିଲେ। ମେ ୧୩ରେ ତୃତୀୟ ଏନ୍‌କାଉଣ୍ଟର ବୀରହରେକୃଷ୍ଣପୁର-ମଙ୍ଗଳାହାଟ ବାଇପାସ୍ ନିକଟରେ ଶଶୀ ନାୟକଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ୨୦୧୩ରେ ସଂଗଠିତ ପୁପୁନି ଓରଫ ବିକ୍ରମ ସାହୁ ହତ୍ୟାକାଣ୍ଡ ଘଟଣା ଏବଂ ପୌରସଦନ ଛକରେ ଘଟିଥିବା ରଞ୍ଜନ ସେଠୀ ଆକ୍ରମଣ ଘଟଣାରେ ଶଶୀ ମୁଖ୍ୟ ଅଭିଯୁକ୍ତ ଥିଲେ। ଜୁଲାଇ ୧୧ରେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ର ଛଇତନା ଛକରେ ବିଳମ୍ବିତ ରାତିରେ ହୋଇଥିବା ଏନ୍‌କାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ କାଳିଆ ସୁବୁଦ୍ଧି ଆହତ ହୋଇଥିଲେ। ଜୁଲାଇ ୯ ରାତିରେ ବଡ଼ଦାଣ୍ଡରେ ବିଶାଳ ଗାର୍‌ମେଣ୍ଟ ଏବଂ ମାଉସୀ ମା’ ଛକ ନିକଟରେ ଦୁଇଟି ସିରିଜ ବୋମାମାଡ଼ ଘଟଣାରେ କାଳିଆଙ୍କର ସମ୍ପୃକ୍ତି ଥିଲା। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ ଥାନା ଅଧୀନ ବୀରଗୋବିନ୍ଦପୁର ଦକ୍ଷିଣକାଳୀ ଛକରେ ପୋଲିସ ଗୁଳିରେ ଅପରାଧୀ ସଞ୍ଜୟ ବେହେରା ଓରଫ ପାରା ଗୁରୁତର ଆହତ ହୋଇଥିଲେ। ତାଳବଣିଆ ଥାନା ଅଧୀନ ବାଲିଘାଟ ଛକରେ ଭାଗୁ ପ୍ରଧାନ ଗୁଳିମାଡ ଏବଂ ସମୁଦ୍ରକୂଳ ଥାନା ଅଧୀନ ହେଲିପ୍ୟାଡ୍ ନିକଟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ରହିଥିଲା। ଅକ୍ଟୋବର ୧୦ରେ ଗୋପ ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ବିଲ୍ଲୁ ଓରଫ ଅନନ୍ତ ବେହେରା ଆହତ ହୋଇଥିଲେ। ଅନନ୍ତଙ୍କ ନାମରେ ଲୁଟ୍, ରାହାଜାନି, ଡକାୟତି ଭଳି ସଙ୍ଗୀନ ଅଭିଯୋଗ ରହିଥିଲା।

**୨୦୧୮ରେ ୨ ଏନ୍‌କାଉଣ୍ଟର:** ଜାନୁୟାରୀ ୧୮ରେ ଡବଲ ଏନ୍‌କାଉଣ୍ଟର ହୋଇଥିଲା। ବଳଙ୍ଗା କାଜିପାଟଣା ମଙ୍ଗଳପୁର ରାସ୍ତାରେ ବଳଙ୍ଗା, ପିପିଲି ଓ ଚନ୍ଦନପୁର ପୋଲିସ ମିଳିତ ଭାବେ ଏହି ଏନ୍‌କାଉଣ୍ଟର କରିଥିଲେ। ପୋଲିସ ଗୁଳିରେ ଦୁଇ ଅପରାଧୀ ସୁବାସ ପ୍ରଧାନ ଏବଂ ଅମର ସୋଲାଙ୍କି ଆହତ ହୋଇଥିଲେ। ଚନ୍ଦନପୁର ଥାନା ଅଧୀନ କାଠପୋଲ ନିକଟରେ ଗଙ୍ଗାଧର ଭୋଲଙ୍କୁ ଗୁଳିମାଡ ଘଟଣାରେ ଏହି ଦୁଇଜଣଙ୍କ ସମ୍ପୃକ୍ତି ରହିଥିବା ଚନ୍ଦନପୁର ପୋଲିସ କହିଥିଲା। ମେ ୨୫ରେ ପୋଲିସ ଗୁଳିରେ ଅପରାଧୀ ସର୍ବେଶ୍ୱର ବେହେରା ଆହତ ହୋଇଥିଲେ। ସେ ବାସେଳିସାହି ମହିଳା ସଭାନେତ୍ରୀ ସତ୍ୟଭାମା ବେହେରା ଗୁଳିମାଡ଼ ମାମଲାର ମୁଖ୍ୟ ଅଭିଯୁକ୍ତ ଥିଲେ।

**୨୦୧୯ରେ ୨ଟି ଏନ୍‌କାଉଣ୍ଟର:** ଜାନୁୟାରୀ ୧୧ରେ କୁମ୍ଭାରପଡା ଓ ପିପିଲି ପୋଲିସ ମିଳିତ ଭାବେ ପିପିଲି-ଜଟଣୀ ରୋଡ୍ ବାଇମୂଳ ଛକରେ ଏହି ଏନ୍‌କାଉଣ୍ଟର କରିଥିଲା। ଏଥିରେ ଜିତୁ ଓରଫ ଜିତେନ୍ଦ୍ର ସାହୁ ଗୁରୁତର ଆହତ ହୋଇଥିଲେ। ଗତ ୨୦୧୮ ଡିସେମ୍ବର ୨୫ ତାରିଖ ପାରା ଓରଫ ସଞ୍ଜୟ ବେହେରା ଗୁଳିକାଣ୍ଡ ଘଟଣାରେ ଜିତୁଙ୍କ ସମ୍ପୃକ୍ତି ରହିଥିଲା।

■ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘର ବାର୍ଷିକୋତ୍ସବ

# ‘ମାନବତା ହେଉଛି ଉତ୍କଳର ପରିଚୟ’




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପୁରୀ ଅଫିସ, ୨୬।୮

**୧୧ ସଂଘ, ୬ ପ୍ରତିଭା ସମ୍ମାନିତ**

କଳା, ସଂସ୍କୃତି, ଭାସ୍କର୍ଯ୍ୟର ସମାହାର ଉତ୍କଳ ମାଟି ହେଉଛି ବିଶ୍ୱରେ ଅଦ୍ୱିତୀୟ। ଉତ୍କଳର ଅର୍ଥ ହେଉଛି ମାନବତା। ଏହାର ସଂସ୍କୃତି ମାନବୀୟତା ପରିଚୟ ବହନ କରେ। ଉତ୍କଳୀୟ ସଂସ୍କୃତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଯାହା ଅଛି, ତାହା ଅନ୍ୟ କେଉଁଠି ନାହିଁ ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫର ଦିବସର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ। ଫଟୋଗ୍ରାଫରମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଫଟୋଗ୍ରାଫରମାନଙ୍କ ହାତରେ ଜାଦୁ ରହିଛି। ସେମାନେ ଜଣେ ମନୁଷ୍ୟର ଫଟୋକୁ ଜୀବନ୍ତ କରିଦିଅନ୍ତି। ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସିଥିବା ପର୍ଯ୍ୟଟକଙ୍କ ସେହି ମୁହୂର୍ତ୍ତକୁ କ୍ୟାମେରା ଲେନ୍ସରେ ଜୀବନ୍ତ କରିଦିଅନ୍ତି। ପୁରୀ ବେଳାଭୂମିର ଫଟୋଗ୍ରାଫରଙ୍କୁ ବାଦ୍‌ଶାହ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଲେ ଯେ, ପୁରୀ ଓ କୋଣାର୍କରେ କାର୍ଯ୍ୟରତ ୮୦୦ ଫଟୋଗ୍ରାଫରଙ୍କୁ ଚିହ୍ନଟ କରାଯାଇଛି। ସମସ୍ତ ଫଟୋଗ୍ରାଫରଙ୍କୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଲେ ଯେ, ପର୍ଯ୍ୟଟନର ବିକାଶ ଦିଗରେ ଫଟୋଗ୍ରାଫରମାନଙ୍କ ବିଶେଷ ଭୂମିକା ରହିଛି। ବିଧାୟକ ପାଣ୍ଠିରୁ ଫଟୋଗ୍ରାଫର ମାନଙ୍କ କାର୍ଯ୍ୟାଳୟ କୋଠା ନିର୍ମାଣ ଲାଗି ଅନୁଦାନ ଯୋଗାଇଦେବେ ବୋଲି ଘୋଷଣା କରିଥିଲେ। ମହାସଂଘ ସଭାପତି ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ, ସମ୍ପାଦକ ହେମନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୧ଟି ଫଟୋଗ୍ରାଫର ସଂଘ ସମେତ ସୁବାସଚନ୍ଦ୍ର ପାତ୍ର, ନିରଜ କୁମାର ଦୋରା, ଅବଦୁତ ସ୍ୱାଇଁ, ଗୌରାଙ୍ଗ ବେହେରା, ସଙ୍ଗୀତା ସାହୁ ଓ ଅରଜିତ ମିଶ୍ର ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାସଂଘ ସହ ଅନୁବନ୍ଧିତ ସମସ୍ତ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

### ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ ଅଫିସ,୨୬।୮

କାଠଯୋଡି ନଦୀକୁ ଡେଇଁ ସୋମବାର ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଉଛନ୍ତି ଭୁବନେଶ୍ୱର ଡେଲଟା ଅଞ୍ଚଳର ଶୁଭାସିନୀ ସାହୁ ଓରଫ ସୋଲି। ନଦୀରେ ଗାଧୋଉଥିବା ତୋଫାନ ବେହେରା ତାଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ଶୁଭାସିନୀ ସୋମବାର ସକାଳ ପ୍ରାୟ ୧୧ଟା ରେ ଖାନନଗର ଗଣେଶ ମନ୍ଦିର ନିକଟ ତୁଠରେ ନଦୀକୁ ଡେଇଁ ପଡିଥିଲେ। ଫଳରେ ସେ ନଦୀ ମଝିକୁ ଭାସିଯାଇଥିଲେ। ପାଖରେ ଥିବା ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାଣି ଅଧିକ ଥିବାରୁ କେହି ତାଙ୍କ ପାଖକୁ ଯାଇ ପାରି ନ ଥିଲେ। ଏହି ସମୟରେ ସେଠାରେ ଗାଧୋଉଥିବା ତୋଫାନ ପହଁରି ତାଙ୍କ ପାଖରେ ପହଞ୍ଚିବା ସହ ତାଙ୍କୁ ଉଦ୍ଧାର କରିଥିଲେ।

# ତଦନ୍ତରେ ଅନିୟମିତତା ବିରୋଧରେ ଗଣଧାରଣା

ନିମାପଡ଼ା,୨୬।୮(ଡି.ଏନ୍.ଏ.):



ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ।

ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡ଼ା ପଞ୍ଚାୟତରେ ବାତ୍ୟା ଫନୀରେ ବହୁ ଘର ଭାଙ୍ଗିରୁଜି ଯାଇଥିଲା। ଏହି ପଞ୍ଚାୟତରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଶତାଧିକ ପଞ୍ଚାୟତବାସୀ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଚଳାଇଥିଲେ। ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିଶନ ଓ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଲୋଚନ ଦାସଙ୍କୁ ଏକ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପୁନଃ ତଦନ୍ତ କରାଯାଇ ବିହୀତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସରପଞ୍ଚ ଅମିତା ମଲ୍ଲିକ, ସମିତି ସଭ୍ୟ ଗଙ୍ଗାଧର ପଲେଇ, ଜିଲାପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ପ୍ରଧାନ, ରମେଶ ଚନ୍ଦ୍ର ମଲ୍ଲିକ, ଭାଗ୍ୟଧର ଖଟୋଇ, ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନରତ ନେତୃବୃନ୍ଦମାନେ କହିଛନ୍ତି।

### ଚୋରି କେବୁଲ ତାର ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ):** ଖାରବେଳନଗର ଥାନା ଅଧୀନ ଚନ୍ଦ୍ରମା ଆପାର୍ଟମେଣ୍ଟରୁ ୨ ଲକ୍ଷ ଟଙ୍କାର ଚୋରି କେବୁଲ ତାରକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅଧୀନ ମସଜିଦ କଲୋନୀର ଶେଖ୍ ରାଜେଶ। ଗତ ୨୪ ତାରିଖ ରାତିରେ ଚନ୍ଦ୍ରମା ଆପାର୍ଟମେଣ୍ଟରେ ରହୁଥିବା ରାଜେଶ କୁମାର ବର୍ମାଙ୍କ ଗ୍ୟାରେଜରୁ ୨ଲକ୍ଷ ଟଙ୍କାର କେବୁଲ ତାର ଚୋରି ହୋଇଥିଲା। ଏ ନେଇ ସେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସୋମବାର ରାଜେଶ ଉକ୍ତ କେବୁଲକୁ ବିକ୍ରି ପାଇଁ ଆସିଥିବାବେଳେ ପୋଲିସ ତାଙ୍କୁ ଧରିଥିଲା।

# ନିମାପଡ଼ାରେ ହେବ ୨ ବର୍ଜ୍ୟବସ୍ତୁ ପ୍ଲାଣ୍ଟ

ନିମାପଡ଼ା,୨୬।୮(ଡି.ଏନ୍.ଏ.)

■ ବ୍ୟୟ ହେବ ୧କୋଟି ଟଙ୍କା
■ ଅଳିଆରୁ ହେବ ସାର
■ ୧୧ଟି ୱାର୍ଡରେ ୧୧ଜଣ ୱାର୍ଡ ଅଫିସର ନିଯୁକ୍ତ



ପରୀକ୍ଷାମୂଳକ ଭାବେ ଏନ୍‌ଏସିର ବିଭିନ୍ନ ୱାର୍ଡରୁ ଅଳିଆ ସଂଗ୍ରହ କରାଯାଉଛି।

ନିମାପଡ଼ା ଏନଏସିରେ ଏବେ ଅଳିଆ ଆବର୍ଜନା ବାହାରେ ପଡି ପରିବେଶ ଦୂଷିତ ହେବ ନାହିଁ। ଏଣିକି ଏନଏସି ପକ୍ଷରୁ ପ୍ରତ୍ୟେକ ପରିବାରଙ୍କଠାରୁ ଆବର୍ଜନା ସଂଗ୍ରହ କରାଯାଇ ୨ଟି ବର୍ଜ୍ୟବସ୍ତୁ ପ୍ଲାଣ୍ଟରେ ପକାଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଏନଏସି ପକ୍ଷରୁ ୧କୋଟି ଟଙ୍କା ବ୍ୟୟ ଅଟକଳରେ ପାଟପୁର ଓ ତଳଅଣ୍ଡିଆ ଛକ ନିକଟରେ ଖୁବଶୀଘ୍ର ଦୁଇଟି ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କରାଯିବ। ୧୧ଟି ୱାର୍ଡରୁ ସଂଗ୍ରହ ହୋଇଥିବା ଅଳିଆ ପ୍ଲାଣ୍ଟରେ ପକାଯିବା ପରେ ସେଥିରୁ ସାର ତିଆରି କରାଯାଇ ଲୋକଙ୍କୁ ବିକ୍ରି ହେବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ ଧରିତ୍ରୀକୁ କହିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଏନଏସି ଅଞ୍ଚଳ ସଫାସୁତରା ରହିବା ସହ ଏନଏସିର ଆୟ ବୃଦ୍ଧି ପାଇବ ବୋଲି ଜଣାପଡିଛି। ତେବେ ଏ ନେଇ ରବିବାର ଏନଏସି ପକ୍ଷରୁ ପରୀକ୍ଷାମୂଳକ ଭାବେ ପୌରବାସୀଙ୍କ ଘରୁ ଅଳିଆ ସଂଗ୍ରହ କରାଯିବା ସହ ଏକ ସର୍ଭେ ଆରମ୍ଭ ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଯଦି ପୌରବାସୀ ଏହି କାର୍ଯ୍ୟକୁ ସହଯୋଗ ନ କରି ସହରକୁ ଅପରିଷ୍କାର କଲେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏନଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡର ପୌରବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧା ବୁଝିବାକୁ ଏନଏସି ପକ୍ଷରୁ ୧୧ଟି ୱାର୍ଡରେ ୧୧ଜଣ ୱାର୍ଡ ଅଫିସରଙ୍କୁ ରବିବାର ନିଯୁକ୍ତ କରାଯାଇଥିବା ଏନଏସି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୪୦୨/୨୪/୮/୧୯ରୁ ଜଣାପଡିଛି। ୧୧ଟି ୱାର୍ଡରେ ଯଥାକ୍ରମେ ବନମାଳ ବାରିକ,(ଟିସି), ରାକେଶ କୁମାର ରାଉତ(ଟିସି), ସିପ୍ରାରାଣୀ ସାହୁ(ସିଓ), ରବୀନ୍ଦ୍ରନାଥ ସାହୁ(ଜେଓ), ରାଜକିଶୋର ପ୍ରଧାନ(ଏଫସି), ଯଶୋବନ୍ତ ସାହୁ(ସିଆଇ), ସୁଜାତା ମହାପାତ୍ର(ଟିସି), ରବିନାରାୟଣ ମହାନ୍ତି(ଟିସି), ବିଜୟ କୁମାର ପାତ୍ର(ଏଫସି), ଗିରୀଶଚନ୍ଦ୍ର ସ୍ୱାଇଁ(ଟିସି) ଓ ବୁଲୁ ସେଠୀ(ଜେଇ) ପ୍ରମୁଖ ନୂତନଙ୍କୁ ୱାର୍ଡ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏହି ନବନିଯୁକ୍ତ ୱାର୍ଡ ଅଫିସରମାନେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୱାର୍ଡ ପରିଦର୍ଶନ କରି ପୌରବାସୀଙ୍କ ସମସ୍ୟା ବୁଝିବାକୁ ନିଷ୍ପତ୍ତି ନିଆଯାଇଛି। ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଏନଏସିରେ ଏହି ନୂତନ ପଦକ୍ଷେପ ନିଆଯାଇଛି। ନିମାପଡ଼ା ଏନଏସିକୁ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ବିକାଶମୁଖୀ କରାଯିବା ପାଇଁ ଏନଏସି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ପୌରବାସୀମାନେ ସହଯୋଗର ହାତବଢ଼ାଇବାକୁ ନିବେଦନ କରାଯାଇଛି।

# ଡିସିପିଙ୍କ ଅଫିସ ଘେରିଲା କ୍ଷୁଦ୍ର ବ୍ୟବସାୟୀ ସଂଘ



କ୍ଷୁଦ୍ର ବ୍ୟବସାୟ ସଂଘ ପକ୍ଷରୁ ଡିସିପି ଅଫିସ ଘେରାଉ।

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ଇନ୍ଦ୍ରଧନୁ ମାର୍କେଟ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଧାରଣା ଦିଆଯାଇଥିଲା। ସାମାଜିକ କର୍ମୀ ଅଞ୍ଜନ ନାଥଙ୍କ ସମେତ ଶତାଧିକ ବ୍ୟବସାୟୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ମାର୍କେଟରେ ବିଦ୍ୟୁତ କାଟ ସହ ବ୍ୟବସାୟୀଙ୍କୁ ନାନା ପ୍ରକାର ହଇରାଣ କରାଯିବା, ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ନିଶା କାରବାର ବନ୍ଦ ଏବଂ ସଂଘ ନିର୍ବାଚନରେ ପୋଲିସ ସହଯୋଗ କରିବାକୁ ଦାବି କରାଯାଇଛି। ଏ ନେଇ ସଂଘ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତା କହିଛନ୍ତି ଯେ, ଗତ ୨୧ତାରିଖ ସକାଳେ ହାଟ ପିଣ୍ଡିରେ ଥିବା ପରିବା ବସ୍ତାକୁ କେତେଜଣ ବ୍ୟକ୍ତି ଫିଙ୍ଗି ଦେଇଥିଲେ। ଏହା ପ୍ରତିବାଦରେ ବ୍ୟବସାୟୀମାନେ ନୟାପଲ୍ଲୀ ଥାନା ଆଗରେ ଧାରଣା ଦେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।



ଈଶ୍ୱରଙ୍କ ନାମ ଆଗରେ ଜାତି ଧର୍ମର ବିଦ୍ୱେଶ ରହିବା ଉଚିତ ନୁହେଁ।

- ଗୁରୁ ନାନକ

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କୁ ୧ ଲକ୍ଷ ମାର୍ଜଣା ଭେଟି ଦେଲେ

ପୁରୁଣା ଭୁବନେଶ୍ୱର, ୨୬।୮ (ଡି.ଏନ.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆଶୀର୍ବାଦ ପ୍ରାପ୍ତ ଜନୈକ ମହିଳା ଭକ୍ତ ତାଙ୍କର ମାନସିକ ପୂରଣ ହୋଇଥିବାରୁ ସୋମବାର ମନ୍ଦିର ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଫଳ ସ୍ୱରୂପ ସେ ପ୍ରଶାସନକୁ ୧ ଲକ୍ଷ ଟଙ୍କା ମାର୍ଜଣା ଭେଟି ଦେଇଥିଲେ। ନୂଆପଲ୍ଲୀର କଲ୍ୟାଣ ପାଢୀ ନାମକ ଭକ୍ତଙ୍କଠାରୁ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ୧ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ।

### ବିଦ୍ୟାଳୟ ସମ୍ମୁଖରେ ଅଭିଭାବକଙ୍କ ଧାରଣା

ବାଲିପାଟଣା,୨୬।୮ (ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ବରାହି ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସୋମବାର ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆବାହକ ସନ୍ତୋଷ କୁଣ୍ଡ କହିଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ଗୋଟିଏ କ୍ୟାମ୍ପସରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଥିଲେ ଦୁଇଟି ସ୍କୁଲ ନ ରହି ଗୋଟିଏ ସ୍କୁଲ କରାଯିବା ପାଇଁ ନିୟମ ହେବା ପରେ ଏଠାରେ ଏକ ନୂତନ ଅଭିଭାବକ କମିଟି ଗଠନ ପାଇଁ ଅଭିଭାବକଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ ପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତଭାବେ ଅବଗତ କରାଯାଇଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ ୧୧୯୧୭ ଚିଠି ନମ୍ବରରେ ୩୧/୭/୧୯ରେ ନୂତନ କମିଟି ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ କାର୍ଯ୍ୟକାରୀ ନ ହେବାରୁ ଗଣଧାରଣା ଜାରି ରହିବ ବୋଲି ଅଭିଭାବକମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ କୁହନ୍ତି, ମାମଲା କୋର୍ଟରେ ବିଚାରାଧୀନ ରହିଛି। ଧାରଣା ଅମୂଳକ ବୋଲି କହିଥିଲେ।

### ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର, ୨୬।୮ (ଡି.ଏନ.ଏ.): ଅପରିଚିତ ଏବଂ ରୋଗିଣା ବ୍ୟକ୍ତିଙ୍କ ଚିକିତ୍ସା କରାଇବା ସହ ସେମାନଙ୍କ ସେବାରେ ବ୍ରତୀ ରହି କାମ କରୁଥିବା ସାମାଜିକ ଯୁବ କର୍ମୀମାନଙ୍କୁ ସୋମବାର ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ସେମାନଙ୍କ ମଧ୍ୟରେ ମିଶିଂ ଫାଉଣ୍ଡେଶନର କର୍ମକର୍ତ୍ତା ସୁଶାନ୍ତ କୁମାର ସାହୁ, ପ୍ରିୟବ୍ରତ ପଣ୍ଡା, ଗୋପୀମୋହନ ପଟ୍ଟନାୟକ, ରାଜେଶ କୁମାର ପୃଷ୍ଟି, ଉମାକାନ୍ତ ପ୍ରିୟଦର୍ଶୀ, ପ୍ରମୋଦ ତରାଇ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଫରେଷ୍ଟ ପାର୍କରୁ ୬୦ ବର୍ଷୀୟ ଜଣେ ଅଣଓଡ଼ିଆ ବୃଦ୍ଧ ଯନ୍ତ୍ରଣାରେ ଥିବା ଖବରପାଇ ମିଶିଂ ଫାଉଣ୍ଡେଶନର ସଦସ୍ୟମାନେ ପହଞ୍ଚି ବୃଦ୍ଧଙ୍କୁ ତତ୍କାଳ ସେବା କରିଥିଲେ। ଏ ନେଇ ମାନବିକ ବର୍ଞ୍ଛି ଶୀର୍ଷକ ଏକ ଖବର 'ଧରିତ୍ରୀ'ରେ ରବିବାର ପ୍ରକଶ ପାଇଥିଲା।

■ କମେଣ୍ଟ ମରା ବିରୋଧର ପ୍ରତିଶୋଧ ନେଲେ ଯୁବକ

# ଭଙ୍ଗାରୁଜା କରି ଦୋକାନୀଙ୍କୁ ହାଣିଲେ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଯୁବତୀଙ୍କୁ କମେଣ୍ଟ ମରାକୁ ବିରୋଧ କରିବା ଜଣେ ଦୋକାନୀଙ୍କ ପାଇଁ ମହଙ୍ଗା ପଡ଼ିଛି। ୩ଜଣ ଯୁବକ ପ୍ରତିଶୋଧ ପରାୟଣ ହୋଇ ସମ୍ପୃକ୍ତ ଦେକାନୀଙ୍କୁ ଭୁଜାଲିରେ ହାଣିବା ସହ ତାଙ୍କ ଦୋକାନରେ ଭଙ୍ଗାରୁଜା କରିଛନ୍ତି। ସୋମବାର ଖଣ୍ଡଗିରି ଥାନା ଅଧୀନ ଭରତପୁର ଛକରେ ଘଟିଛି ଏହି ଘଟଣା। ଆକ୍ରମଣରେ ଦୋକାନୀ ସୁବାସ ଚନ୍ଦ୍ର ସାହୁ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତ ପରେ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଦିନ ଦ୍ୱିପ୍ରହରରେ ଏଭଳି ଗୁଣ୍ଡାରାଜ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଭରତପୁର ଛକରେ ସୁବାସଙ୍କର ଏକ ଓମ୍‌ଫେଡ୍ ଦୋକାନ ରହିଛି। ରବିବାର ସନ୍ଧ୍ୟାରେ ତାଙ୍କ ଦୋକାନକୁ ଦୁଇ ଜଣ ଯୁବତୀ ଆସିଥିଲେ। ଏହି ସମୟରେ ଯୁବତୀ ଦ୍ୱୟଙ୍କୁ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକ କମେଣ୍ଟ ମାରିଥିଲେ। ସୁବାସ ଏହାକୁ ବିରୋଧ କରିବା ସହ ସମ୍ପୃକ୍ତ ଯୁବକମାନଙ୍କୁ ତାଗିଦ କରି ଦୋକାନରୁ ବାହାରି ଯିବାକୁ କହିଥିଲେ। ଏପରି କି ସେମାନେ ଯୁକ୍ତିତର୍କ କରିବାରୁ ସୁବାସ ଫୋନ୍ କରି ପୋଲିସକୁ ଜଣାଇଥିଲେ। ପୋଲିସ ଆସି ଘଟଣାର ଆପୋଷ ସମାଧାନ କରିଥିଲା। ତେବେ ଏହାକୁ ନେଇ ସେହି ଯୁବକମାନେ ସୁବାସଙ୍କ ଉପରେ ରାଗ ରଖିଥିଲେ। ସେମାନେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସୋମବାର ସକାଳେ ତାଙ୍କ ଦୋକାନକୁ ଆସି ଭଙ୍ଗାରୁଜା କରିଥିଲେ। ଦୋକାନର କାଚ ସାମଗ୍ରୀଗୁଡ଼ିକୁ ପିଟି ଭାଙ୍ଗିଦେବା ସହ ଆସବାବପତ୍ର ଗୁଡ଼ିକୁ ରାସ୍ତା ଉପରକୁ ଫିଙ୍ଗିଥିଲେ। ସୁବାସ ଏହାର ପ୍ରତିରୋଧ କରିବାରୁ ସେମାନେ ତାଙ୍କ ହାତକୁ ହାଣି ଦେଇଥିଲେ। ସେମାନେ ଆତଙ୍କ ଖେଳାଇ ଚାଲିଯିବା ପରେ ସ୍ଥାନୀୟ ଲୋକେ ସୁବାସଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।



ଦୋକାନରେ ଭଙ୍ଗାରୁଜା ପରେ ଏଣେତେଣେ ପଡିରହିଥିବା ସାମଗ୍ରୀ।

■ ଓଭରବ୍ରିଜ ଉପରେ ଆକ୍ରମଣ କରି ଲୁଟ୍ ଘଟଣା

# ୨ ଅଭିଯୁକ୍ତ ଗିରଫ, ମୋବାଇଲ ଜବତ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ୫୦ ହଜାର ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଲୁଟ ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କ୍ୟାପିଟାଲ ଥାନା ଅଧୀନ ବାପୁଜୀନଗର ଅଞ୍ଚଳର ମୁନା ସାହୁ ଓ ରବି ନାୟକ। ସୂଚନା ମୁତାବକ, ୨ ମାସ ତଳେ ନୟାପଲ୍ଲୀ ଓଭରବ୍ରିଜ୍ ଉପରୁ ବିଳମ୍ବିତ ରାତିରେ ଦୀପକ କୁମାର ରାଉତରାଏ ବାଇକରେ ୫୦ ହଜାର ଟଙ୍କା ନେଇ ଘରକୁ ଫେରୁଥିବା ବେଳେ ୨ ଜଣ ଲୁଟେରା ତାଙ୍କୁ ପିଛା କରିଥିଲେ। ଓଭରବ୍ରିଜ୍ ଉପରେ ପଛପଟୁ ଏକ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରି ୫୦ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟିନେଇଥିଲେ। ଏ ନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୨୨୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂରେ ଥିବାବେଳେ ସୋମବାର ୨ ଅଭିଯୁକ୍ତଙ୍କୁ ଠାବ କରିଥିଲା ପୋଲିସ। ବାପୁଜୀ ନଗର ଅଞ୍ଚଳରେ ଚଢାଉ କରି ୨ ଲୁଟେରାକୁ ଧରିଥିଲା। ସେମାନଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଏକାମ୍ର କଲେଜ: ନିର୍ବାଚନ ପାଇଁ ପ୍ରିନ୍ସପାଲଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

ପୁରୁଣା ଭୁବନେଶ୍ୱର, ୨୬।୮ (ଡି.ଏନ.ଏ.)

ରାଜ୍ୟ ସରକାର ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ବାତିଲି କରି ଦେଇଛନ୍ତି। ଯାହାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ନିର୍ବାଚନ କରାଇବା ନେଇ ଧାରଣା ଏବଂ ପ୍ରତିବାଦ କରାଯାଉଛି। ଏହିକ୍ରମରେ ସୋମବାର ଏକାମ୍ର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନୁରୂପ ଭାବେ କଲେଜରେ ନିର୍ବାଚନ କରାଇବାକୁ କଲେଜ ପ୍ରିନ୍ସିପାଲ ଡ଼. ବିନୋଦ ସାମନ୍ତରାୟଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ର ସମୟରେ ଯୁକ୍ତ ୩ର ଶତାଧିକ ଛାତ୍ରୀଛାତ୍ର କଲେଜରେ ନିର୍ବାଚନ କରାଇବା ନେଇ ବିଭିନ୍ନ ନାରାବାଜି ଦେଇଥିଲେ। ଏଥିରେ କଲେଜର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ଉପସଭାପତି ବିଶ୍ୱଜିତ୍ ସୁନ୍ଦରାୟ, ଭାଗୀରଥି ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ଅନୀଲ ମଙ୍ଗରାଜ, ଐଶ୍ୱରାୟ ନାୟକ, ଶାଶ୍ୱତୀ ନନ୍ଦ, ପ୍ରେମାନନ୍ଦ ବେହେରା, ସୁହାନ ପରବିନ୍, ସୋନାଲୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର।





ଓଏସ୍‌ଏଟିଇଟି ଉତ୍ତୀର୍ଣ୍ଣ ତାଲିମପ୍ରାପ୍ତ ଅଣନିଯୁକ୍ତି ଟିଚର ଆସୋସିଏଶନ ଓଡ଼ିଶା ପକ୍ଷରୁ ବିଭିନ୍ନ ଦାବିରେ ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରେଲୱେ କ୍ୟାମ୍ପ କୋର୍ଟ, ୧୨୭ ମାମଲାର ଶୁଣାଣି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ସ୍ୱତନ୍ତ୍ର ରେଲୱେ ମାଜିଷ୍ଟ୍ରେଟଙ୍କ କ୍ୟାମ୍ପ କୋର୍ଟ ସୋମବାର ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ଅନୁଷ୍ଠିତ ହୋଇଯାଇଛି। ରେଳ ସୁରକ୍ଷା ବଳ ଏଥିରେ ମାଜିଷ୍ଟ୍ରେଟଙ୍କ ନିକଟରେ ୧୨୭ଟି ମାମଲା ଉପସ୍ଥାପନ କରିଥିଲେ। ଧାରା ୧୬୨ ମହିଳା କୋଚ୍‌ରେ ଅନଧିକୃତ ଯାତ୍ରା, ଦିବ୍ୟାଙ୍ଗ କୋଚ୍‌ରେ ଅନଧିକୃତ ଯାତ୍ରା ଧାରା ୧୫୫, ବିନା ଟିକଟରେ ଯାତ୍ରା ଧାରା ୧୪୭, ନୋ ପାର୍କିଂ ଜୋନ୍‌ରେ ପାର୍କିଂ ଧାରା ୧୫୯ରେ ମାମଲାଗୁଡିକର ଶୁଣାଣି ହୋଇଥିଲା। ସୋମବାର ଅଦାଲତରେ ମୋଟ୍ ୧୮,୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ପ୍ରତିଷ୍ଠା ଉତ୍ସବ

# ଏଏନ୍‌ଏମ୍‌ଙ୍କ ନିଯୁକ୍ତି ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନିଆଯିବ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମ୍‌ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ପ୍ରଥମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସୂଚନା ଭବନରେ ପାଳିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବିଧାୟକ ସମ୍ବିତ୍ ରାଉତ କହିଥିଲେ, ରାଜ୍ୟ ସରକାର ଏବଂ ଏଏନ୍‌ଏମ୍ ସଙ୍ଗଠନ ମଧ୍ୟରେ ସେତୁ ବାନ୍ଧିବାରେ ସହଯୋଗ କରିବି। କଷ୍ଟ ହେଲେ ମଧ୍ୟ ଏଏନ୍‌ଏମ୍‌ମାନଙ୍କ ନିଯୁକ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଉଚିତ୍ ପଦକ୍ଷେପ ନେବାକୁ ଅନୁରୋଧ କରିବି ବୋଲି ସେ କହିଥିଲେ। ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ନିଯୁକ୍ତି ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଆବଶ୍ୟକ ହେଲେ ଅର୍ଥ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଯେତେ ସମ୍ଭବ ନିଯୁକ୍ତି କାର୍ଯ୍ୟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯିବ। ସେହିପରି ଭବିଷ୍ୟତରେ ନୂଆ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ସରକାର ବିଚାର କରୁଛନ୍ତି। ସ୍ୱାସ୍ଥ୍ୟସେବାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଏଏନ୍‌ଏମ୍‌ମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପ୍ରତି ଆମ ସରକାର ସମ୍ବେଦନଶୀଳ ରହିଛନ୍ତି ବୋଲି ମନ୍ତ୍ରୀ ଦାସ କହିଥିଲେ।

ଏହି ପରିପ୍ରେକ୍ଷୀରେ ସଭାପତି ପାର୍ଥସାରଥି ଜେନା ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଜୁ କୃଷକ ଜନତା ଦଳର ରାଜ୍ୟ ସମ୍ପାଦକ ଉମାକାନ୍ତ ସାମନ୍ତରାୟ ଏବଂ ଜନସ୍ୱାସ୍ଥ୍ୟ ସେବାର ପ୍ରମୁଖ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ରାଜ୍ୟର ପ୍ରତିଷ୍ଠିତ ସାମାଜିକ କର୍ମୀ ଇତିଶ୍ରୀ ଦୀକ୍ଷିତ, ବିଭୂତି କୁମାର ରାୟ, ସ୍ୱାତୀ ଜେନା, ଡ. ସ୍ମୃତି ରଞ୍ଜନ ଦାସ, ରଞ୍ଜୁଲତା ମହାପାତ୍ର, ଅରୁଣ ସାହୁ ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବିଭିନ୍ନ ଜିଲାର ସଭାପତି, ରାଜ୍ୟ ସମ୍ପାଦିକା ସଂଯୁକ୍ତା ସାହୁ, କାର୍ଯ୍ୟକାରୀ ସଭାନେତ୍ରୀ ବିଷ୍ଣୁପ୍ରିୟା ଖଣ୍ଡେଇମ, ମମତା ସାହୁ ଏବଂ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଏଏନ୍‌ଏମ୍ ଯୋଗ ଦେଇଥିଲେ।

■ ମାର୍କଫେଡ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

# ଇପିଏଫ୍ ପେନ୍‌ସନ ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଅବସରପ୍ରାପ୍ତ ମାର୍କଫେଡ କର୍ମଚାରୀଙ୍କ ପ୍ରତି କେନ୍ଦ୍ର ସରକାର ଅବିଚାର କରୁଛନ୍ତି। ଯେଉଁଠି କେନ୍ଦ୍ର ସରକାର ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସର୍ବନିମ୍ନ ପେନସନ ୩ ହଜାର ରଖିଛନ୍ତି ସେଠାରେ ମାର୍କଫେଡରେ କାର୍ଯ୍ୟ କରିଥିବା ସଙ୍ଗଠିତ କର୍ମଚାରୀଙ୍କ ପେନସନ ମାସିକ ୫ ଶହରୁ ଆରମ୍ଭ ହୋଇ ୨,୬୦୦ ଟଙ୍କା ଯାଏ ରହିଛି। ଯାହାକି କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ପ୍ରତିପାଦିତ କରୁଛି। ଏଥିପ୍ରତି ସରକାର ପୁନର୍ବାର ବିଚାର କରନ୍ତୁ ଓ ସର୍ବନିମ୍ନ ମାସିକ ପେନସନକୁ ୭,୫୦୦କୁ ବୃଦ୍ଧି କରିବାକୁ ମାର୍କଫେଡ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ପ୍ରକାଶ ପାଇଛି।

ମାର୍କଫେଡର ମୁଖ୍ୟ କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏଶନର ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଷ୍ଟିୟରିଙ୍ଗ କମିଟିର ଖବରଦାତା ଗୁରୁକଲ୍ୟାଣ ମହାପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, ରବୀନ୍ଦ୍ର ବାରିକ, ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସଂଘର ପକ୍ଷରୁ ଉପସ୍ଥାପିତ ହୋଇଥିବା ପେନସନ ବୃଦ୍ଧି ଦାବି ଉପରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ଶତାଧିକ ଇପିଏଫ ପେନସନ ଭୋଗୀ ଯୋଗ ଦେଇଥିଲେ।

# ନାରାୟଣୀ କ୍ଲବ ନିକଟରେ ଠାକୁରଙ୍କ ଜମିରେ ବେଆଇନ ନିର୍ମାଣ ଭଙ୍ଗାଯିବ

ପୁରୁଣା ଭୁବନେଶ୍ୱର, ୨୬।୮ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରାଜାରାଣୀ ମୌଜା, ୟୁନିଟ୍-୩୬, ଖାତା-୬୦୪/୧୦୪୭ ପ୍ଲଟ ନଂ. ୫୩୨ରେ ଥିବା ରକବା ଏ୦.୧୪୨ ଡ଼ିସିମିଲ ଜାଗାକୁ ସୋମବାର ପୁନରୁଦ୍ଧାର କରାଯାଇଛି। ସେଠାରେ ଠାକୁରଙ୍କ ଜାଗାରେ ଜନୈକ ବ୍ୟକ୍ତି ବାଲିଗୋଡ଼ି ଗଦାଇ ଥିବାରୁ ତାଙ୍କୁ କୈଫତ ତଲବ କରିବା ସହ ଜାଗାକୁ ପୁଣି ଅଧିକାର କରିଛନ୍ତି। ତେଣୁ ଅବରୋଧକାରୀ ନିଜ ଭୁଲ ସ୍ୱୀକାର କରି ୭ ଦିନ ମଧ୍ୟରେ ବାଲିଗୋଡ଼ି ହଟାଇବା ନେଇ ଲିଖିତ ଭାବେ ସମ୍ମତି ପ୍ରକାଶ କରିଛନ୍ତି। ଏହି ବାବଦ ୩୫୦୦ ଟଙ୍କାର ଭେଟି ଦେଇଥିଲେ ଏବଂ ସେଠାରେ ପୋତି ହୋଇ ରହିଥିବା ବୋର୍ଡ଼ଟି ମଧ୍ୟ ପୁନରୁଦ୍ଧାର କରାଯାଇଛି। ସେହିଭଳି ମୌଜା ଭୁବନେଶ୍ୱର ସହର ୟୁନିଟ୍ ୨୭, ଖାତା ନଂ. ୨୮୮, ପ୍ଲଟ ନଂ. ୬୯ ରକବା ଏ୦.୬୦ ଡ଼ିସିମିଲ ଯାହା ନାରାୟଣୀ କ୍ଲବ ନିକଟରେ ଠାକୁରଙ୍କ ନାମରେ ରହିଛି ତାକୁ କେତେଜଣ ଅବରୋଧକାରୀ ବେଆଇନ ଭାବେ ଗୃହ ନିର୍ମାଣ କରିଛନ୍ତି। ଉକ୍ତ ନିର୍ମାଣଙ୍କୁ ବନ୍ଦ କରିବା ସହ ତୁରନ୍ତ ସ୍ଥାନ ଖାଲି କରିବାକୁ ମଧ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜାଗା ଦଖଲ ଶୂନ୍ୟ କରିବା ପାଇଁ ଖୋର୍ଦ୍ଧା ଜିଲାପାଳ ନିକଟରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଲିଙ୍ଗରାଜଙ୍କ ନାମଫଳକ ଫିଙ୍ଗି ନିର୍ମାଣ କଲେ ଘର ଶୀର୍ଷକ ଏକ ଖବର ସୋମବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଉପରୋକ୍ତ ଜାଗା ଦ୍ୱୟ ଉପରେ ଜବରଦଖଲ ହଟାଇବା ଏବଂ ପୁନରୁଦ୍ଧାର କରିବା ନେଇ ସୋମବାର ପ୍ରଶାସନ ତତ୍ପରତା ପୂର୍ବକ କାର୍ଯ୍ୟ ଆରମ୍ଭ କରିଛି। ୟୁନିଟ୍ . ୩୬ରେ ଥିବା ଠାକୁରଙ୍କର ଅନେକ ସମ୍ପତ୍ତିକୁ ହରିଲୁଟ କରି ବେଆଇନ ଭାବେ ନିର୍ମାଣ କରାଯାଇଥିବା ଗୃହ ଗୁଡ଼ିକ ଉପରେ ମାମଲା ରହିଛି। ସେଗୁଡ଼ିକ ଖୁବ୍‌ଶୀଘ୍ର ଭଙ୍ଗାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।



ଘଟଣାସ୍ଥଳକୁ ପରିଦର୍ଶନ କରୁଛନ୍ତି ମନ୍ଦିର ଓ ପ୍ରଶାସନିକ ଅଧିକାରୀ।

**ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ପୁନରୁଦ୍ଧାର**

■ ବିଟ୍ କରେନ୍ସି ନାମରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା

# ର୍‌ୟାକେଟର ଜଣେ ସଦସ୍ୟ ଗିରଫ

ଜଟଣୀ,୨୬।୮ (ଡି.ଏନ.ଏ.)

ଟଙ୍କା ଲଗାଣର ଛଅ ମାସ ମଧ୍ୟରେ ୨ରୁ ୩ ଗୁଣ ହୋଇଯିବ ବୋଲି ଜମାକାରୀଙ୍କୁ ପ୍ରଲୋଭନ ଦେଖାଯାଉଥିଲା। ଏମିତି କହି କୋଟି କୋଟି ଟଙ୍କା ଠକେଇ କରିବା ଘଟଣାରେ ଧରାପଡ଼ିଥିବା ମନୋରଞ୍ଜନ ବିଶ୍ୱାଳ ନାମକ ର୍‌ୟାକେଟର ଜଣେ ପ୍ରମୁଖ ସଦସ୍ୟଙ୍କୁ ଜଟଣୀ ଥାନା ପୋଲିସ ସୋମବାର କୋର୍ଟଚାଲାଣ କରିଛି। ଏହି ର୍‌ୟାକେଟ୍ ସଦସ୍ୟଙ୍କ ବିରୋଧରେ ଠକେଇର ଶିକାର ହୋଇଥିବା ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ଲୋକ କ୍ରାଇମବ୍ରାଞ୍ଚରେ ମଧ୍ୟ ପୂର୍ବରୁ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ନଂ. ୧୪/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। କ୍ରାଇମବ୍ରାଞ୍ଚ ଓ ଜଟଣୀ ଥାନାରେ ହୋଇଥିବା ପୃଥକ୍ ମାମଲାରେ କେବଳ ଖୋର୍ଦ୍ଧା ବେଗୁନିଆ ଓ ଜଟଣୀ ଅଞ୍ଚଳରୁ ଏହି ର୍‌ୟାକେଟ୍ ୧ କୋଟି ୨୭ ଲକ୍ଷ ଟଙ୍କା ଲୋକଙ୍କଠାରୁ ଠକେଇ କରିଥିବା ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହୋଇଛି। ତେବେ ଏହି ର୍‌ୟାକେଟ୍‌ର ସଦସ୍ୟମାନେ ଖୋର୍ଦ୍ଧା ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହିପରି କୋଟି କୋଟି ଟଙ୍କା ଠକେଇ କରିଥିବା ଧୀରେ ଧୀରେ କଥା ପଦାକୁ ଆସୁଛି। ଏପରିକି ରାଜ୍ୟ ବାହାରେ ଏହି ର୍‌ୟାକେଟ ଚାଲିଥିବା ଜାଣିବାକୁ ମିଳିଛି। ତଦନ୍ତ ହେଲେ ଠକେଇର ପରିମାଣ ୧୦୦ କୋଟିରୁ ଅଧିକ ଟପିଯିବ ବୋଲି କ୍ଷତିଗ୍ରସ୍ତ ଲୋକେ କହୁଛନ୍ତି।

ସ୍ୱତନ୍ତ୍ର ୱେବ୍‌ସାଇଟ୍, ଆପ୍ ଖୋଲି ଓ ଏଜେଣ୍ଟମାନଙ୍କ ମାଧ୍ୟମରେ ଟଙ୍କା ୨ରୁ ୩ ଗୁଣା ହୋଇଯିବ ବୋଲି ପ୍ରଲୋଭିତ କରି ପ୍ରଥମେ ଲୋକଙ୍କୁ ଫସାଉ ଥିଲେ। ଏହାଛଡ଼ା ୱେବ୍‌ସାଇଟ୍ ଓ ଆପ୍‌ରେ ବିଟ୍ କରେନ୍ସି ନାମ ବ୍ୟବହାର କରି ଭାରତୀୟ ଟଙ୍କା ବିଦେଶୀ ମୁଦ୍ରାରେ ପରିବର୍ତ୍ତନ ହୋଇ ବାନ୍ଧିଥିବା ଲୋକଙ୍କ ପାଖକୁ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଥିବା ଆପ୍‌ରେ ଦୈନିକ ଲୋକଙ୍କ ପାଖକୁ ମିଛ ମେସେଜ୍ ଆସିଥାଏ। ଗିରଫ ହୋଇଥିବା ମନୋରଞ୍ଜନଙ୍କ ଘର ଜଟଣୀ ଥାନା ବେଲପଡ଼ା ଗ୍ରାମରେ। ତାଙ୍କ ଗାଁ ଘର ସହ ଅନ୍ୟ କେତେକ ସ୍ଥାନରେ ପୋଲିସ ଓ କ୍ରାଇମବ୍ରାଞ୍ଚ ଚଢ଼ାଉ କରିଥିଲା। ଚଢାଉ ସମୟରେ ବିଭିନ୍ନ ବ୍ୟାଙ୍କର ୧୫ଟି ପାସ୍‌ବୁକ୍, ପ୍ଲାଟିନମ୍ ଗୋଲ୍ଡ ଏଟିଏମ୍ କାର୍ଡ, ୧୮ଟି ଚେକ୍ ବହି, ୫୦ ଲକ୍ଷ ଟଙ୍କାର ଏଲ୍‌ଆଇସି ବଣ୍ଡ, ବ୍ୟାଙ୍କରେ ଥିବା ୭ ଲକ୍ଷ ଟଙ୍କା ଫିକ୍ସ ଡିପୋଜିଟ୍ କାଗଜ, ଲାପଟପ୍, କମ୍ପ୍ୟୁଟର ସହ ଠକେଇ କାର୍ଯ୍ୟ ସମ୍ପର୍କିତ ଅନେକ ଦସ୍ତାବିଜ ଜବତ କରାଯାଇଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକ କହିଛନ୍ତି। ଏଥିସହ ଲକ୍ଷାଧିକ ଟଙ୍କାର ଜମି, ଘର ଆଦି ସ୍ଥାବର ସମ୍ପତ୍ତିର ରେକର୍ଡ ମିଳିଥିବା ସେ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। କୋଟି କୋଟି ଟଙ୍କା ଠକେଇ କରିବା ପରେ ମନୋରଞ୍ଜନ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଥିଲେ। ଦାମିକା ଗାଡି ବ୍ୟବହାର କରିବା ସହ ବହୁବାର ବିଦେଶ ଗସ୍ତ କରିଥିବା ଜଣାପଡିଛି। ତେବେ ଏହି ର୍‌ୟାକେଟ୍‌ରେ ଥିବା ଅନ୍ୟ ପ୍ରମୁଖ ସଦସ୍ୟମାନେ ଏଯାବତ୍ ଧରା ପଡ଼ିନାହାନ୍ତି। ରବିବାର ରାତି ଓ ସୋମବାର ସକାଳେ ଏହି ସଦସ୍ୟମାନଙ୍କ ଘର ଉପରେ ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଚଢ଼ାଉ କରାଯାଇଥିଲା। ହେଲେ ସେମାନେ ଖସିଯିବାରେ ସକ୍ଷମ ହୋଇଥିଲେ। ତେବେ ଖୋର୍ଦ୍ଧା ସହରରେ କମ୍ପ୍ୟୁଟର ଶିକ୍ଷା ନାମରେ ଖୋଲା ଯାଇଥିବା ଏକ ସଂସ୍ଥା ଉପରେ ହୋଇଥିବା ଚଢାଉରେ ଅନେକ ତଥ୍ୟ ପୋଲିସ ଓ କ୍ରାଇମବ୍ରାଞ୍ଚ ପାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଯେଉଁମାନେ ଗୁଗଲ ପେ, ଫୋନ ପେ ଆଦି ଅନଲାଇନ ଓ ଚେକରେ ଟଙ୍କା ଲଗାଇଥିଲେ ସେମାନଙ୍କ ନିକଟରେ ପ୍ରମାଣ ରହୁଥିବା ବେଳେ ସିଧାସଳଖ ଟଙ୍କା ଦେଇ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଚିନ୍ତା ବଢି ଯାଇଛି। ଟଙ୍କା ଦେଇଥିବା ନେଇ ସେମାନଙ୍କ ନିକଟରେ କୌଣସି ପ୍ରମାଣ ନ ଥିବାରୁ ଫେରସ୍ତ ଲାଗି ସେମାନେ ଅନିଶ୍ଚିତତା ଘେରରେ ରହିଛନ୍ତି। ଥାନାରେ ନଂ. ୩୧୯/୧୯ରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।



ଗିରଫ ଅଭିଯୁକ୍ତ ମନୋରଞ୍ଜନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭/୨୦୧୯ Bhubaneswar, Tuesday, August 27/2019

## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ଖଣ୍ଡଗିରି ଥାନା ଅଧୀନ ଭରତପୁର ଅଞ୍ଚଳରେ ଏକ ଭଡ଼ା ଘରୁ ଜଣେ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଝୁମ୍ପୁରା ଅଞ୍ଚଳର ମହମ୍ମଦ ସାହାରୁଫ ରାଜା (୨୩)। ସୂଚନା ମୁତାବକ, ଗତ କିଛି ମାସ ହେବ ଭରତପୁରର ଦୁର୍ଗାମାଧବ ନଗରରେ ଏକ ଭଡ଼ାଘରେ ମହମ୍ମଦ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଭାଇ ରହୁଥିଲେ। ମହମ୍ମଦ ଏମବିଏ ପଢ଼ା ସାରି ଚାକିରି ଖୋଜୁଥିବା ବେଳେ ତାଙ୍କ ସାନ ଭାଇ ଏମବିଏ ପଢୁଥିଲେ। ରବିବାର ରାତିର ଖାଇସାରି ଉଭୟ ଶୋଇଯାଇଥିଲେ। ସୋମବାର ସକାଳ ୧୦ଟା ବେଳକୁ ମହମ୍ମଦଙ୍କ ଭାଇ ଉଠିବା ପରେ ପାଖରେ ଭାଇ ନଥିବା ଦେଖି କବାଟ ଖୋଲି ବାହାରକୁ ଆସଥିଲେ। ତେବେ ସିଡ଼ି ଘରେ ଥିବା ଏକ ଲୁହା କଡାରେ ବେକରେ ଗାମୁଛା ବାନ୍ଧି ମହମ୍ମଦ ଝୁଲୁଥିବା ଦେଖିଥିଲେ। ଏ ନେଇ ସେ ଘର ମାଲିକ ଓ ୧୦୦ନଂ କୁ ଫୋନ କରିବା। ସହ ପରିବାର ଲୋକଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହମ୍ମଦଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୨୨୮/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ଜଣାପଡିଛି।

### ସିସିଏ ଓଡ଼ିଶା ପକ୍ଷରୁ ପେନ୍‌ସନ ଅଦାଲତ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ଓଡ଼ିଶା ଟେଲିକମ୍ ସର୍କଲର ସଞ୍ଚାର ଲେଖା ନିୟନ୍ତ୍ରକ (ସିସିଏ)ଙ୍କ ପକ୍ଷରୁ ଜାତୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପେନ୍‌ସନଭୋଗୀଙ୍କ ଅଭିଯୋଗର ସମାଧାନ, ଆର୍ଥିକ ଏବଂ ନିବେଶ ଉତ୍ପାଦ ସମ୍ପର୍କରେ ସଚେତନତା, ଡିଜିଟାଲ ପ୍ରମାଣପତ୍ର ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ଜନ ବିଭାଗ କମିଶନର ଭାସ୍କରଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା ପଦକ୍ଷେପକୁ ସୁଦୃଢ଼ କରିବାକୁ ସେ କହିଥିଲେ। ସିସିଏ ଲୋପାମୁଦ୍ରା ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହ ଟେଲିକମ ଏବଂ ବିଏସ୍‌ଏନ୍‌ଏଲ୍‌ର ପେନ୍‌ସନ ମାମଲା ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ କହିଥିଲେ। କମିଶନରେଟ ପୋଲିସ, ଷ୍ଟେଟ ବ୍ୟାଙ୍କ, ଏଲଆଇସି, ଡାକ ବିଭାଗ ଏବଂ ବିଏସ୍‌ଏନ୍‌ଏଲ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗ୍ରାମବାସୀଙ୍କ ଅଭିଯୋଗକୁ ପୂରିଲା ୩ ମାସ

# ରାସ୍ତାରେ ଧାନ ରୋଇ ପ୍ରତିବାଦ

ଗୋପ, ୨୬।୮ (ଡି.ଏନ୍.ଏ.)

ଗୋପ ବ୍ଲକ୍ ଅଧୀନ ତଳମାଳସାହି ଗାଁରେ ବସବାସ କରୁଥିବା ୨୦୦ ପରିବାର ତିନିମାସ ହେବ ଗାଁରୁ ବାହାରିପାରୁନାହାନ୍ତି। ଗାଁର ୨କିଲୋମିଟର ପର୍ଯ୍ୟନ୍ତ ମୁଖ୍ୟରାସ୍ତାଟି ବର୍ଷାଜଳ ଜମିରହି ଥିବାରୁ ସଂକୀର୍ଣ୍ଣ ହୋଇପଡିଛି। ଫଳରେ ଗ୍ରାମବାସୀ ଉକ୍ତ ରାସ୍ତାଟିରେ ଯିବାଆସିବା ବେଳେ ହଇରାଣ ହେଉଛନ୍ତି। ଏ ନେଇ ଗତ ତିନିମାସ ଧରି ବିଭିନ୍ନ ବିଭାଗ, ସ୍ଥାନୀୟ ବିଧାୟକଙ୍କ ସହିତ ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ହେଲା ନାହିଁ। ଶେଷରେ ସୋମବାର ଗ୍ରାମର ମହିଳାମାନେ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରିଛନ୍ତି।

ସୂଚନାଯୋଗ୍ୟ, କୁଶଭଦ୍ରା ନଦୀକଡ଼ରେ ଯାଇଥିବା ତରକୋରଠାରୁ ତଳମାଳସାହି ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ରାସ୍ତାଟି ଦୀର୍ଘଦିନ ଧରି ମରଣଯନ୍ତା ଅବସ୍ଥାରେ ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ପ୍ରତି ଦୃଷ୍ଟି ନ ଦେବାରୁ ଧୀରେ ଧୀରେ ୨ କି.ମି. ରାସ୍ତାଟି ଖରାପ ହୋଇ ପଡ଼ିଥିଲା। ଗତ କିଛିଦିନ ତଳେ କୁଶଭଦ୍ରା ନଦୀବନ୍ଧରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏଠାରେ ମାଟି ପଡ଼ିଥିଲା। କିନ୍ତୁ ଲଘୁଚାପଜନିତ ବର୍ଷା ହେବାରୁ ଏହି ମାଟି ଧୋଇ ହୋଇ ରାସ୍ତା ଉପରକୁ ବୋହି ଆସିଥିଲା। ଫଳରେ ତଳମାଳସାହିଟି ପ୍ରାୟତଃ ଯିବା ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ପରେ ଗ୍ରାମବାସୀ ଜଳସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜିଲା ପ୍ରଶାସନ ସହିତ ସ୍ଥାନୀୟ ବିଧାୟକଙ୍କୁ ଦୀର୍ଘ ତିନି ମାସ ଧରି ଦୌଡ଼ୁଥିଲେ ମଧ୍ୟ ପ୍ରତିକ୍ରିୟା ମିଳିଲା ନାହିଁ। ସୋମବାର ବାସନ୍ତି ପ୍ରଧାନ, ବିଦ୍ୟୁଲତା ପ୍ରଧାନ, ଭାନୁମତି ସ୍ୱାଇଁ, ରବି ବେହେରା, ସୁଶାନ୍ତ ଜେନାଙ୍କ ସମେତ ଗ୍ରାମର ମହିଳାମାନେ ଏହି କାଦୁଅ ରାସ୍ତାରେ ଧାନ ତଳି ରୋଇଥିଲେ। ଏ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ତାମଣୀ ସେଠୀ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିବାବେଳେ ଗୋପ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି କୁହନ୍ତି, ନଦୀବନ୍ଧ ମାଟି ଖସିବା ଅଭିଯୋଗ ମୋ ନିକଟରେ ନ ଥିଲା। ତଥାପି ଏଥିପ୍ରତି ଦୃଷ୍ଟି ଦେବି।


ମହିଳାମାନେ ରାସ୍ତାରେ ଧାନତଳି ରୋଉଛନ୍ତି।

## ଡକାୟତି ଯୋଜନା: ୪ ଗିରଫ

ନିମାପଡ଼ା, ୨୬।୮ (ଡି.ଏନ୍.ଏ.)

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ନିମାପଡ଼ା ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟ ଗ୍ରାମର ଜଗନ୍ନାଥ ପ୍ରଧାନ, ସିଦ୍ଧମହାବୀର ପାଟଣାର କୃଷ୍ଣଚନ୍ଦ୍ର ବେହେରା, କୁମୁଟିପାଟଣାସାହିର ବେଦବ୍ୟାସ ମହାନ୍ତି। ବାସେଳିସାହି ଥାନା ଅନ୍ତର୍ଗତ ମାର୍କେଣ୍ଡେଶ୍ୱର ସାହିର ବିଜୟ ବେହେରା। ଏମାନଙ୍କ ନିକଟରୁ ୨ଟି ଖଣ୍ଡା, ୪ଟି ବୋମା, ସୁତୁଲି, ବାରୁଦ, ଏକ ସ୍କେଚ୍ ମ୍ୟାପ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୫/୧୯)ରୁଜୁ ହେବା ସହ ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲଣ କରାଯାଇଛି। ବେଦବ୍ୟାସଙ୍କ ବିରୋଧରେ ପୁରୀର ବିଭିନ୍ନ ଥାନାରେ ୧୪ଟି ଆପରାଧିକ ମାମଲା, ବିଜୟଙ୍କ ନାଁରେ ୨୬ଟି ମାମଲା, ଜଗନ୍ନାଥଙ୍କ ନାଁରେ ୨ଟି ମାମଲା ଓ କୃଷ୍ଣଚନ୍ଦ୍ରଙ୍କ ନାଁରେ ୨ଟି ମାମଲା ରହିଥିବା ପୋଲିସ କହିଛି।

**୨ ଖଣ୍ଡା, ୪ ବୋମା, ଗୋଟିଏ ଚାପଡ଼, ସ୍କେଚ୍ ମ୍ୟାପ ଜବତ**

ସୂଚନା ଅନୁଯାୟୀ, ନିମାପଡ଼ା-ବଳଙ୍ଗା ରାସ୍ତାର ବୋଧେଇ ବ୍ରିଜ ନିକଟରେ ରବିବାର ରାତିରେ ଏହି ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବରପାଇଥିଲା। ଆଇଆଇସି ଜନାର୍ଦ୍ଦନ ପାଢୀ ସଦଳବଳ ବ୍ରିଜ ନିକଟରେ ପହଞ୍ଚି ଚଢାଉ କରିଥିଲେ। ଅଭିଯୁକ୍ତମାନେ ଅନ୍ଧାରରେ ପୋଲିସ ଉପରକୁ ବୋମା ଫିଙ୍ଗିଥିଲେ। ଏହା ପରେ ପୋଲିସ ୪ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।






## ଭଞ୍ଜ କଳାମଣ୍ଡପରେ ମଞ୍ଚସ୍ଥ ହେଲା ‘ଧନହାନି ପ୍ରାଣପୀଡ଼ା’

# ଖୁବ୍ ହସେଇଲା ମୟୂରୀ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଗତାନୁଗତିକ ଧାରାରେ ଜୀବନ ଚାଲେନି, ବିସଙ୍ଗତି ବେଳେବେଳେ ଦେଖାଦିଏ। ଆଉ ଏହା ହିଁ ସୃଷ୍ଟି କରେ ହାସ୍ୟରସ। ଲାବଣ୍ୟ ନାଟ୍ୟ ସଂସ୍ଥା ପକ୍ଷରୁ ସୋମବାର ଭଞ୍ଜକଳା ମଣ୍ଡପଠାରେ ‘ଧନହାନି ପ୍ରାଣପୀଡା’ ନାଟକ ମଞ୍ଚସ୍ଥ ହୋଇଯାଇଛି। ହାସ୍ୟରସରେ ପର୍ଯ୍ୟବେସିତ ଏହି ନାଟକରେ କାମନା, ଲାଳସାକୁ ଚରିତାର୍ଥ କରିବାକୁ ମଣିଷ ଅବାଟକୁ ଚାଲିଯାଏ ବୋଲି ଦର୍ଶାଯାଇଛି। ନାଟକର ଚରିତ୍ରଗୁଡିକ ନୈତିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ସ୍ୱାର୍ଥ ସାଧନରେ ବ୍ୟସ୍ତ। ନାଟକରେ ପ୍ରିୟ ପତି ନିଜ ଝିଅ ସକାଶେ ଟ୍ୟୁସନ ସାର ଖୋଜନ୍ତି, ଯବାନ ସାର୍ ଜଣେ ଜୁଟନ୍ତି। ଟ୍ୟୁସନ ସାରଙ୍କ ସହ ଝିଅ ମୟୂରୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠେ। ତେଣେ ପ୍ରିୟ ଟ୍ୟୁସନ ସାରଙ୍କର ଅବାସ୍ତବ ମା’ ପ୍ରେମରେ ପଡି ବନ୍ଧ ବାଡ ଡେଇଁ ପଡନ୍ତି। ସନ୍ଧ୍ୟାରେ ମଞ୍ଚସ୍ଥ ନାଟକକୁ ମିହିର କୁମାର ମେହେର, ଶରତ ମାଝି, ବନମାଳୀ ପାଣିଆ, ପ୍ରିୟ ମିଶ୍ର ଓ ନାଟକର ନିର୍ଦ୍ଦେଶକ ସତ୍ୟ ଜେନା ଉଦ୍‌ଘାଟନ କରିଥିଲେ। ନାଟକର ଚରିତ୍ରମାନେ ହେଉଛନ୍ତି ଉପେନ୍ଦ୍ର, କିଶୋର, ଗୋବିନ୍ଦ, ବଟିଆ, ପ୍ରଦୀପ, ରମଣୀ ଓ ପିହୁ। ପ୍ରିୟ ପତିଙ୍କ ଫୁଲେଇ ଝିଅ ମୟୂରୀ ଅର୍ଥାତ ପିହୁଙ୍କ ଅଭିନୟ ଖୁବ ହସାଇଥିଲା। ମଞ୍ଚ ପରିକଳ୍ପନା ଚିନ୍ତାମଣୀ ବିଶ୍ୱାଳ, ସଙ୍ଗୀତ ଶକ୍ତି ପ୍ରସାଦ ଦାସ, ସହ ନିର୍ଦ୍ଦେଶନା ଦେବୀ ପ୍ରସାଦ ଦାସ, ରଚନା ଦିଲୀପ ବଳବନ୍ତରାୟ ଓ ସତ୍ୟ ଜେନାଙ୍କ ନିର୍ଦ୍ଦେଶନାରେ ନାଟକ ‘ଧନାହାନି ପ୍ରାଣପୀଡ଼ା’ ମଞ୍ଚସ୍ଥ ହୋଇଥିଲା।

## ୧୦ ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ମୋବାଇଲ ଚୋରି ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ରଙ୍ଗମାଟିଆ ଅଞ୍ଚଳର ଅଭିଷେକ ଟିମି ଓରଫ ବବ୍‌ଲି (୨୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମଞ୍ଚେଶ୍ୱର ଥାନା ଅଧୀନ ଜଗନ୍ନାଥ କଲୋନୀରେ ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳର ଗୌରାଙ୍ଗ ମଲ୍ଲିକ ରୁହନ୍ତି। ଗତ ୨୦ ତାରିଖ ରାତିରେ ତାଙ୍କ ଘରୁ ୨ଟି ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୩୪୭/୧୯) ରୁଜୁ କରିଥିଲା। ଚୋରି ମୋବାଇଲ ନମ୍ବରକୁ ପୋଲିସ ଟ୍ରାକ କରିବାରୁ ଅଭିଯୁକ୍ତ ରଙ୍ଗମାଟିଆ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ଏହା ପରେ ସୋମବାର ରଙ୍ଗମାଟିଆସ୍ଥିତ ତାଙ୍କ ଘରେ ଚଢାଉ କରିଥିଲା। ସେଠାରୁ ଗୌରାଙ୍ଗଙ୍କ ୨ଟି ମୋବାଇଲ ସମେତ ଆଉ ୮ଟି ଚୋରା ମୋବାଇଲକୁ ପୋଲିସ ଜବତ କରିବା ସହ ଅଭିଷେକଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




## ନିଷ୍କାସନ ହୋଇପାରୁନି ବର୍ଷାଜଳ

# ଦୁର୍ଦ୍ଦଶାରେ ୨୦ଗାଁର ଗ୍ରାମବାସୀ



ଗୋପ, ୨୬।୮ (ଡି.ଏନ୍.ଏ.)

ନାଗପୁର-ନୟାହାଟ ପୂର୍ତ୍ତ ବିଭାଗ ରାସ୍ତାରେ ତିନିତିଅର, ବେଦପୁର, ବାଲିକନ୍ଦଳ ଆଦି ଗ୍ରାମ ନିକଟରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ପ୍ରାୟ ୨୦ ଗାଁର ଗ୍ରାମବାସୀ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ବର୍ଷାଜଳ ଜମି ରହିବା ଯୋଗୁ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ, ପୂର୍ତ୍ତ ବିଭାଗର ଏହି ରାସ୍ତାଟି ପୁରାତନ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ବର୍ଷ ଏହି ରାସ୍ତା ଉପରେ ବିଭାଗ ପକ୍ଷରୁ ମରାମତି କରାଯାଇଥାଏ। ମାତ୍ର ବର୍ଷାଦିନ ଆସିଲେ ରାସ୍ତାରେ ବର୍ଷାଜଳ ଜମି ନିଷ୍କାସନ ନ ହେବାରୁ ଲୋକମାନେ ବିଭିନ୍ନ ହଇରାଣ ହୋଇଥାନ୍ତି। ଚଳିତବର୍ଷ ଏପରି ଅବସ୍ଥା ସୃଷ୍ଟି ହୋଇଥିବାବେଳେ ଏହି ନାଗପୁର-ନୟାହାଟ ରାସ୍ତାର ନାଗପୁର, ବାଲିକନ୍ଦଳ, ବେଦପୁର, ତିନିତିଅର, ଗୋଲପୁର, ବେଗୁନିଆଁ ସହିତ ଆଉ କେତେକ ଗାଁର ଯିବା ଆସିବାରେ ଅସୁବିଧା ହେଉଛି। ଏପରିକି ଖାଲ ସ୍ଥାନରେ ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ପଡି ଆହତ ହୁଅନ୍ତି। ଏ ସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ସେକ୍ସନ ଅଧିକାରୀ ନବଘନ ବେହେରା କୁହନ୍ତି, ସେହି ରାସ୍ତାର ଦୁଇପାର୍ଶ୍ୱରେ ଲୋକେ ଜବରଦସ୍ତ ରାସ୍ତା ଉପରେ ଘର କରୁଥିବାରୁ ବର୍ଷାଜଳ ଜମି ରହୁଛି। ତଥାପି ଖୁବ୍‌ଶୀଘ୍ର ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ମରାମତି କରାଯିବ।

## ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ଶିକ୍ଷକ ମହାସଂଘର ଆଲୋଚନା

# ପୋଷାକ କ୍ରୟ ଅର୍ଥ ପ୍ରଦାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ବିଭିନ୍ନ ଦାବି ନେଇ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଏକ ପ୍ରତିନିଧି ଦଳ ସୋମବାର ସମଗ୍ର ଶିକ୍ଷା ଯୋଜନା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ମହାସଂଘର ସାଧାରଣ ସମ୍ପାଦକ ଅଧ୍ୟାପକ ରବି ରାୟ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୨୦୧୮-୧୯ ଏବଂ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ପୋଷାକ କ୍ରୟ ବାବଦ ଅର୍ଥ ମିଳି ନ ଥିବା ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୮-୧୯ ବର୍ଷରେ ପରିଚାଳନା ସମିତି ଅନୁମତି କ୍ରମେ ସ୍କୁଲ ତରଫରୁ ପୋଷାକ କ୍ରୟ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଏହି ଅର୍ଥ ପ୍ରଦାନ ସହ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ୫୦% ଜିପିଏଫ ଉଠାଣ କ୍ଷମତା ଦେବା ପାଇଁ ପ୍ରତିନିଧି ମଣ୍ଡଳୀ ଅନୁରୋଧ କରିଥିଲେ। ମହାସଂଘର ଦାବିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗ୍ରହଣ କରି ପୋଷାକ କ୍ରୟ ବାବଦ ଅର୍ଥ ତୁରନ୍ତ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମ ସଂଶୋଧନ କରାଯାଇ ଜିପିଏଫ୍ ଉଠାଣ କ୍ଷମତା ଜିଲା ଶିକ୍ଷାଧିକାରୀମାନଙ୍କୁ ଦେବା ଲାଗି ବ୍ୟବସ୍ଥା ହେଉଛି ବୋଲି ସେ କହିଥିଲେ। ପରେ ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିବା ମହାସଂଘର ସାଧାରଣ ସମ୍ପାଦକ ରାୟ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଅଧ୍ୟାପିକାଙ୍କୁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ

ସାଲେପୁର,୨୬।୮(ଡି.ଏନ.ଏ.): ସାଲେପୁର କଲେଜ ଜାତୀୟ ସେବା ଯୋଜନାର ଜିଲାସ୍ତରୀୟ ଅଧିକାରୀ ତଥା ଅଧ୍ୟାପିକା ଜୟନ୍ତୀବାଳା ପରିଜାଙ୍କୁ 'ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ' ପ୍ରଦାନ କରାଯାଇଛି। ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅବସରରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକ, ବିଧାୟକ ସୁରେଶ ରାଉତରାୟଙ୍କ ଉପସ୍ଥିତିରେ ଅଧ୍ୟାପିକା ପରିଜାଙ୍କୁ ସମ୍ମାନିତ କରାଯାଇଥିଲା। ସେବା ପାଇଁ କଲେଜର ସ୍ୱେଚ୍ଛାସେବୀ ସୁଶ୍ରୀ ସିପ୍ରା ସ୍ୱାଇଁଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। କଲେଜ ଜାତୀୟ ସେବା ଯୋଜନାର ଏହି ସଫଳତା ପାଇଁ ଅଧ୍ୟକ୍ଷ ପ୍ରଫେସର ସରୋଜ ମହାନ୍ତି ସମସ୍ତ ସ୍ୱେଚ୍ଛାସେବୀ ଓ ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନମେଳା

ସାଲେପୁର,୨୬।୮(ଡି.ଏନ.ଏ.) ସାଲେପୁର ବ୍ଲକ ଅଧୀନ ପୂର୍ବକଚ୍ଛ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ୯ ବିଦ୍ୟାଳୟର ୩୨୪ ପ୍ରତିଯୋଗୀ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୬୦ ଆଚାର୍ଯ୍ୟାଆଚାର୍ଯ୍ୟ ଏହାକୁ ପରିଚାଳନା କରିଥିବା ବେଳେ ୧୦ ବିଜ୍ଞାନ ଶିକ୍ଷକ ବିଚାରକଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ। ମୁଖ୍ୟ ଅତିଥିଭାବେ ଇଂ. ଅଶୋକ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରାକ୍ତନ ଛାତ୍ରୀ ପ୍ରେରଣା ଦାସ ଯୋଗଦେଇ ପିଲାଙ୍କୁ ବିଜ୍ଞାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଟକ ବିଭାଗ ସଂଘଚାଳକ ବଳରାମ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଙ୍କୁଳ ପ୍ରମୁଖ ସଞ୍ଜୟ ଦଳାଇ ସଭାପତିତ୍ୱ କରିଥିବାବେଳେ ସଙ୍କୁଳ ସଂଯୋଜକ ଶଙ୍କର୍ଷଣ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ପୂର୍ବକଚ୍ଛ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ।

### ଏବିଭିପି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ସାଲେପୁର,୨୬।୮(ଡି.ଏନ.ଏ.): ସରକାର ଛାତ୍ର ସଂସଦ ନିର୍ବାଚନ ବାତିଲ କରିବା ପରେ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏହି କ୍ରମରେ ସୋମବାର ସାଲେପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ସଙ୍ଗଠନ ଛାତ୍ରୀଛାତ୍ର ସାଲେପୁର କଲେଜ ନିକଟରୁ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ପ୍ରତିବାଦ ସଭା ସହ ବିକ୍ଷୋଭ କରିଥିଲେ। ସରକାର ଏହାର ପୁନଃବିଚାର କରି ନିର୍ବାଚନ କରିବା ପାଇଁ ସେମାନେ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

■ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ନିର୍ମିତ ରାସ୍ତା କାର୍ଯ୍ୟରେ ଅନିୟମିତତା

# ଲାଗିଲାନି ଫଳକ, ବର୍ଷାରେ ହେଲା ଢଳେଇ

ନରସିଂହପୁର, ୨୬।୮(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ନରସିଂହପୁର ବ୍ଲକ ଅଧୀନ ନିମସାହିରେ ୫୦ ମିଟରର ଏକ ସଡ଼କ ନିର୍ମାଣ କରାଯାଉଛି। ତେବେ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ଗ୍ରାମରେ ପଲ୍ଲିସଭା କରାଯିବା ନିୟମ ଥିଲେ ମଧ୍ୟ ତାହା କରାଯାଇନାହିଁ। ସେହିପରି ବର୍ଷାଦିନେ କାମ କରିବାକୁ ବାରଣ କରା ଯାଇଥିବା ସତ୍ତ୍ୱେ ବର୍ଷା ସମୟରେ ଏହି ରାସ୍ତାର ୨୫ ମିଟର ଢଳେଇ କାମ କରାଯାଇଛି। ଏଥିସହିତ କେତେ ଟଙ୍କାର କାମ ହେଉଛି ତାହା ସୂଚନା ଫଳକରେ ଦର୍ଶାଯିବାର ନିୟମ ରହିଥିଲେ ମଧ୍ୟ ସୂଚନା ଫଳକ ଲଗାଗଲା ନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଏହି ରାସ୍ତା କାର୍ଯ୍ୟରେ ଜବ୍‌କାର୍ଡଧାରୀଙ୍କୁ ନିୟୋଜିତ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ବି କରାଯାଇନି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗକୁ ଆନ୍ଦୋଳନ ଗଢ଼ି ଉଠିବ



ନିମସାହିରେ ନିର୍ମାଣ ହୋଇଥିବା ସଡ଼କ।

ବୋଲି ଲୋକେ ଚେତବାନୀ ଦେଇଛନ୍ତି।

ଲୋକେ ଅଭିଯୋଗ କରି କହିଛନ୍ତି, ବିଭାଗୀୟ ଯନ୍ତ୍ରୀ ଗ୍ରାମସଭା ନ କରି ନିଜ ନାମରେ କାର୍ଯ୍ୟାଦେଶ ରଖି ଅଗଷ୍ଟ ୨୨ ଓ ୨୩ ତାରିଖରେ ୨୫ ମିଟରର ସିମେଣ୍ଟ ରାସ୍ତାକୁ ପ୍ରବଳ ବର୍ଷାରେ ତରବରିଆ ଭାବେ କରିଛନ୍ତି। ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କୁ ହାତ କରି ଯନ୍ତ୍ରୀ କାମ କରିଛନ୍ତି ବୋଲି ଗ୍ରାମର ଗଙ୍ଗାଧର ଦାଶ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ସମ୍ପୃକ୍ତ ଗ୍ରାମର ଶ୍ରମିକଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଇ କେତେ ଦିନର କାମ ସେମାନଙ୍କୁ ଯୋଗାଇ ଦିଆଯାଇଛି ତାହା ସେମାନଙ୍କ ଜବ୍ କାର୍ଡରେ ଉଲ୍ଲେଖ କରାଯିବା କଥା। ହେଲେ ତାହା କରାଯାଇନି ବୋଲି ଗ୍ରାମର ସମୀର ନାଏକ ଅଭିଯୋଗ କରିଛନ୍ତି। ତେଣୁ

■ ତଦନ୍ତ ଦାବି କଲେ ସାହି ବାସିନ୍ଦା

■ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ହେବ: ବିଡିଓ

ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ କୁମାର ସେନାପତିଙ୍କୁ ପଚାରିବାରୁ ସମସ୍ତ ଘଟଣାକୁ ଏଡ଼ାଇ ଯାଇଥିଲେ। କେବଳ ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁସାରେ କାମ ହେଉଥିବା କହିଥିଲେ। ଘଟଣା ସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରେ ସେ କହିଥିଲେ, ଏହାର ତଦନ୍ତ କରାଯିବ। ଯଦି ଅନିୟମିତତା ହୋଇଥିବା ଜଣାପଡ଼ିବ ତେବେ ଯେଉଁମାନେ ଏହି କାର୍ଯ୍ୟ କରିଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା ଏହାର କିପରି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

■ ଘରେ ପଶି ଡକାୟତି ମାମଲା

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ, ଜରିମାନା

ସାଲେପୁର,୨୬।୮(ଡି.ଏନ.ଏ.)

ସାଲେପୁର କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଗୁରୁଚରଣ ଜେନାମଣି ସୋମବାର ଏକ ଡାକୟତି ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି ବୋଲି ସରକାରୀ ଆଇନଜୀବୀ ତ୍ରିଲୋଚନ ବରାଳ କହିଛନ୍ତି।

ପ୍ରକାଶ ଯେ, ସାଲେପୁର ଥାନା ଅଧୀନ ନାନ୍ଦୋଳ ଗ୍ରାମର ଧରଣୀଧର ଗୁରୁଙ୍କ ଘରୁ ୦୪।୦୩।୨୦୧୮ ବିଳମ୍ବିତ ରାତ୍ରିରେ ଯାଜପୁର ଜିଲା ବୈରୀ ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର ସୁମନ ପ୍ରଧାନ ଡକାୟତି କରିଥିଲେ। ଏହି ସମୟରେ କୌଣସି ପ୍ରକାରେ ଧରଣୀଧରଙ୍କ ପରିବାର ଲୋକେ ସୁମନଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ଏଥିସହିତ ଘଟଣା ସମ୍ପର୍କରେ ଧରଣୀଧର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୨୦୯/୧୮ରୁଜୁ କରିବା ସହ ସୁମନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ସେ ସେବେଠାରୁ ଜେଲ୍‌ରେ ଅଛନ୍ତି। ପରେ ତଦନ୍ତକାରୀ ଅଧିକାରୀ ସୁବାସ ଚନ୍ଦ୍ର ଉଦୟଭାନୁ ତଦନ୍ତ କରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। କୋର୍ଟ କେସ୍ ନଂ-୭୨୯/୧୮ରେ ଦଫା ୩୯୪ ଓ ୪୫୭ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି। ମାମଲାକୁ ଆଇନଜୀବୀ ବରାଳଙ୍କ ସହ କୁମାରୀ ଲୋପାମୁଦ୍ରା ବରାଳ ପରିଚାଳନା କରୁଥିଲେ।

# ସଙ୍ଗୀତଜ୍ଞ ବିଜୟ ଦୀକ୍ଷିତ ସମ୍ବର୍ଦ୍ଧିତ




ସଙ୍ଗୀତଜ୍ଞ ବିଜୟ ଦୀକ୍ଷିତ୍‌ଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବାଙ୍କୀ,୨୬।୮(ସ୍ୱ.ପ୍ର.)

ବାଙ୍କୀ ଏନଏସି ଅନ୍ତର୍ଗତ ବେଦପୁର ଗ୍ରାମର ବିଶିଷ୍ଟ କଳାକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବିଜୟ କୁମାର ଦୀକ୍ଷିତ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଥିବା ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ସ୍ୱରାରବିନ୍ଦ ଅରବିନ୍ଦ ମୁଦୁଲିଙ୍କ ଜୟନ୍ତୀ ଉତ୍ସବ ଅବସରରେ 'ସ୍ୱରାରବିନ୍ଦ ସ୍ମୃତି ସମ୍ମାନ'ରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଉପସ୍ଥିତ ରହି ଦୀକ୍ଷିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀକ୍ଷିତ ଓଡ଼ିଶା, ନୂଆଦିଲ୍ଲୀ ସମେତ ସିଙ୍ଗାପୁର ଓ ଦୁବାଇରେ ସଂଗୀତ ପରିବେଷଣ କରି ପୂର୍ବରୁ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଦୂରଦର୍ଶନ ଓ ତରଙ୍ଗ ଚ୍ୟାନେଲରେ ତାଙ୍କର କଳାକୃତି ପରିବେଷଣ କରି ପ୍ରଶଂସା ପାଇଛନ୍ତି। ଦୀକ୍ଷିତ ବାଙ୍କୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ସାଂସ୍କୃତିକ ସମ୍ପାଦକ ଭାବେ କାର୍ଯ୍ୟରତ। ତାଙ୍କର ଏତାଦୃଶ୍ୟ ସମ୍ବର୍ଦ୍ଧନା ପାଇଁ ପରିଷଦ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ମହାପାତ୍ର, ଉପସଭାପତି ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ପାଦକ ବେଣୁଧର କର ଓ ବାଙ୍କୀ ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି।

■ ଧାନ ଫସଲ ଉଜାଡ଼ିଲେ ହାତୀ ପଲ

# ଡିଏଫ୍‌ଓଙ୍କୁ ଫେରାଦ ହେଲେ ଗ୍ରାମବାସୀ




ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଆଠଗଡ଼,୨୬।୮(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଅଧୀନ କୁଶପଙ୍ଗି ଗ୍ରାମରେ ହାତୀ ପଲ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏନେଇ ସୋମବାର ଗ୍ରାମବାସୀ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ସେମାନେ ହାତୀପଲକୁ ନିୟନ୍ତ୍ରଣ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ହେବ ଏହି ଗ୍ରାମରେ ହାତୀପଲ ବିଚରଣ କରୁଥିବା ଦେଖାଯାଇଥିଲା। ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ରାଜରାସ୍ତାକୁ ଉଠି ଆସିବା ସହ ବିଲରେ ପଶି ଫସଲ ନଷ୍ଟ କରୁଥିଲେ। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ କର୍ମଚାରୀ ନିୟୋଜିତ କରାଯାଇଛି। ମାତ୍ର ଏହି ବନାଞ୍ଚଳରେ ଅଧିକ ସଂଖ୍ୟକ କର୍ମଚାରୀ ନ ଥିବାରୁ ହାତୀପଲ ଘୋଉଡ଼ାଇବା ସମ୍ଭବ ହେଉନାହିଁ। ହାତୀପଲଙ୍କ ଗତିପଥରେ ବାଧକ ପାଇଁ ପୂର୍ବରୁ ସୌରରଶ୍ମି ତାର ବ୍ୟବହୃତ କରାଯାଉଥିଲା। ଯାହାକି ଏବେ ସେ ସବୁ ନଷ୍ଟ ହୋଇସାରିଲାଣି। ଜଗୁଆଳି କିମ୍ବା ଗ୍ରାମବାସୀଙ୍କ ନିକଟରେ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଆବଶ୍ୟକ ସରଞ୍ଜାମ ଅଭାବ ରହିଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ କମିଟି ପକ୍ଷରୁ ପୂର୍ବତନ ସରପଞ୍ଚ ମାଗୁଣି ଚରଣ ରାଉତ, ଭାଗବତ ପ୍ରଧାନ, ପରମାନନ୍ଦ ରାଉତ ପ୍ରମୁଖଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଏସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀଙ୍କ ସମସ୍ୟା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମୃତିସଭା

ବାଙ୍କୀ,୨୬।୮(ସ୍ୱ.ପ୍ର)

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭ୍ୟ ବ୍ରହ୍ମାନନ୍ଦ ମହାରଣାଙ୍କ ଏକାଦଶାହରେ ଏକ ସ୍ମୃତିସଭା ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସମ୍ପାଦକ କୃତ୍ତିବାସ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଅଜୟ ସ୍ୱାଇଁ ସଂଯୋଜନା କରିଥିଲେ। ସଂଘ ସଭାପତି ବିରଞ୍ଚିଦାସ, କମଳାକାନ୍ତ ମିଶ୍ର, ଆଇନଜୀବୀ ହରେକୃଷ୍ଣ ଦାଶ, କବି କୌଶିକ ନାୟକ, ଅପର୍ତ୍ତି ଚରଣ ମନ୍ତ୍ରୀ, ଦେବରାଜ ରଣା, ଅଖିଳଚନ୍ଦ୍ର ବୀରବର ହରିଚନ୍ଦନ, ପ୍ରଫୁଲ୍ଲ ରାଉତ, କଂଗ୍ରେସ ରଣାଙ୍କ ସମେତ ବହୁବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ମହାରଣାଙ୍କ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକୁ ଏକତ୍ରିତ କରି ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ମତପ୍ରକାଶ ପାଇଥିଲା।

### ବାୟୁସେନା କର୍ମଚାରୀଙ୍କ ପରଲୋକ

ସାଲେପୁର,୨୬।୮(ଡି.ଏନ.ଏ.)

ସାଲେପୁର ବ୍ଲକ୍ ଅଧୀନ ପିକୋଳ ପଞ୍ଚାୟତ ବଣହରା ଗ୍ରାମର ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ତଥା ସାହେଶ୍ୱରୀ କ୍ଲବ୍‌ର ବିଶିଷ୍ଟ ଫୁଟ୍‌ବଲ୍ ଖେଳାଳି ପ୍ରଫୁଲ୍ଲ ଚନ୍ଦ୍ର ଜେନା(୭୨)ଙ୍କ ପରଲୋକ ଘଟିଛି। ପ୍ରଫୁଲ୍ଲ କିଛିଦିନ ହେବ ହୃଦ୍‌ଘାତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସପରିବାର ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବଲ୍ଲଭୀଦେବୀ ମହିଳା କଲେଜ୍ ନୂତନ ଗୃହ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ନଡକାଇ ପଞ୍ଚାୟତସ୍ଥିତ ବଲ୍ଲଭୀଦେବୀ ମହିଳା କଲେଜର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଏଥିସହିତ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଦୁଇ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଦ୍ୱାରା ପ୍ରଥମେ କଲେଜରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହର ଉଦ୍‌ଘାଟନ କରାଯାଇଥିଲା। ପରେ କଲେଜରେ ନୂତନ ଉଦ୍ୟାନର ଶିଳାନ୍ୟାସ ଓ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଚାରାରୋପଣ କାର୍ଯ୍ୟକ୍ରମକୁ ଯୁକ୍ତ ୨ ଏନଏସଏସ ଛାତ୍ରୀମାନେ ପରିଚାଳନା କରିଥିଲେ। ଶେଷରେ ଯୁକ୍ତ ୨ କଲେଜ ଅଧ୍ୟକ୍ଷା ନିବେଦିତା ଦାଶଙ୍କ ସଭାପତିତ୍ୱରେ ଅବସର ନେଇଥିବା ଅଧ୍ୟକ୍ଷା ଦିପ୍ତୀରେଖା ପରିଡ଼ାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ଜେନା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ସରପଞ୍ଚ ବନ୍ଦନା ମାଝି, ସମିତିସଭ୍ୟ ଅଜୟ ବେହେରା ଓ ଡିଗ୍ରୀ କଲେଜ ଅଧ୍ୟାପିକା ପୁଷ୍ପିତା ଜେନା ଯୋଗଦେଇ କଲେଜର ଗାରିମା ଉପରେ ଆଲୋକପାତ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ

ବଡ଼ମ୍ବା,୨୬।୮(ଡି.ଏନ.ଏ.)

ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ଓ ଅନ୍ୟ ସମସ୍ୟା ନେଇ ଚାଲିଥିବା ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଥିବାବେଳେ ଅପରାହ୍ଣରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପଦ୍ମମୋହନ ସ୍ୱାଇଁ ଓ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁଦାବି ନେଇ ଆନ୍ଦୋଳନ କରାଯାଇଥିଲା ସେଗୁଡ଼ିକ ଶୀଘ୍ର ପୂରଣ କରାଯିବ ବୋଲି ଉପରୋକ୍ତ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଲୋଚନାରେ ସାମାଜିକ କର୍ମୀ ଅମିୟ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ଦୀପକ ସାହୁ, ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ବିଶ୍ୱନାଥ ଆଡେକ୍ ଓ ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ସମେତ ଅନ୍ୟ ସମସ୍ୟା ନେଇ ସ୍ଥାନୀୟ ସାମାଜିକ କର୍ମୀ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ରବିବାରଠାରୁ ଆନ୍ଦୋଳନ କରିଥିଲେ।

# ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ବାଙ୍କୀ କଲେଜ ପରିଦର୍ଶନ



କଲେଜ ପରିଦର୍ଶନରେ ଆସିଥିବା ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଓ ଅନ୍ୟମାନେ।

ବାଙ୍କୀ,୨୬।୮(ସ୍ୱ.ପ୍ର.)

ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମିହିର ସେଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଫେସର ଡ. ମହେଶ୍ୱର ସାହୁ ଓ ପ୍ରାଣୀବିଜ୍ଞାନ ବିଭାଗ ଡ. ଗୁଣନିଧି ସାହୁ ପ୍ରମୁଖ ସୋମବାର ବାଙ୍କୀ କଲେଜ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ କଲେଜରେ ନୂତନଭାବେ ୬ଟି ବିଭାଗ ଯଥା ପ୍ରାଣୀବିଜ୍ଞାନ, ରସାୟନିକ ବିଜ୍ଞାନ, ମନୋତତ୍ତ୍ୱ, ଗୃହବିଜ୍ଞାନ, ଇଂଲିଶ, ବାଣିଜ୍ୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ଓ ଅନ୍ୟ ବିଷୟରେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଏବଂ ଅନ୍ୟ ବିଭାଗ ମୁଖ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ପରିଦର୍ଶକମାନେ ସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। କଲେଜ ପକ୍ଷରୁ ଡ.କୃଷ୍ଣଚନ୍ଦ୍ର ରଥ, ଡ. ମୁରଲୀଧର ରଥ, ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ଡ.ନିବାସିନୀ ପଣ୍ଡା, ଡ. ସନ୍ଧ୍ୟାରାଣୀ ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି, ଏକାଡେମୀ ଅଧିକାରୀ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପକ ନିରଞ୍ଜନ ରାଉତରାୟ , ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଦୁର୍ବଳ ନଦୀବନ୍ଧ, କେନାଲ ବୁଲି ଦେଖିଲେ ମନ୍ତ୍ରୀ, ବିଧାୟକ

ସାଲେପୁର,୨୬।୮(ଡି.ଏନ.ଏ.)

ଜଳସମ୍ପଦ ଓ ସୂଚନା ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସୋମବାର ସାଲେପୁର ଅଞ୍ଚଳର ବିଭିନ୍ନ ଦୁର୍ବଳ ନଦୀବନ୍ଧ ଓ କେନାଲ ବୁଲି ଦେଖିଛନ୍ତି। ଏହି ସମୟରେ ଯେଉଁଠାରେ ନଦୀବନ୍ଧ ଓ କେନାଲ ଦୁର୍ବଳ ଅଛି ତାହାକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଗୋପୀନାଥପୁର ଛକଠାରେ ଦଳୀୟ କର୍ମୀ ଓ ବିଧାୟକ ବେହେରା ତାଙ୍କୁ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ଓ ବିଧାୟକ ଗୋପୀନାଥପୁର-ଭଟିମୁଣ୍ଡା ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହାପରେ ଗୋପୀନାଥପୁର ପଞ୍ଚାୟତର



ମନ୍ତ୍ରୀ ରଘୁନନ୍ଦନ ଦାସ ଓ ବିଧାୟକ ପ୍ରଶାନ୍ତ ବେହେରା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବିରୂପା ନଦୀ ପାର୍ଶ୍ୱରେ ଥିବା ଗଣିପୁର, ପ୍ରଧାନପଡ଼ା, ଚମ୍ପାପୁରର ନଦୀବନ୍ଧ ଓ କେନାଲ୍ ବନ୍ଧ ବୁଲି ଦେଖିଥିଲେ। ରାମେଶ୍ୱର ପଞ୍ଚାୟତସ୍ଥିତ ପଟ୍ଟାମୁଣ୍ଡାଇ କେନାଲ୍‌ର ସାଇଫନ୍, ନରଦା ପଞ୍ଚାୟତର ସୁଲ୍‌ତାନିଆ ଘାଇ, ଓଡ଼ାସିଂହ ପଞ୍ଚାୟତସ୍ଥିତ ତିଲିଦାର କୁଣ୍ଡି ପୋଲ, ୪(ଇ) କେନାଲ୍ ବନ୍ଧ ଆଦି ପରିଦର୍ଶନ କରିଥିଲେ। ପିକୋଳ ପଞ୍ଚାୟତର ବୋଦାମୁଣ୍ଡାଇଠାରେ ଚାଷୀଙ୍କ ସହ କେନାଲ୍‌ର ଜଳସେଚନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଜଳସେଚନ ବିଭାଗ ପୂର୍ବାଞ୍ଚଳ ଅଧୀକ୍ଷଣ ଯନ୍ତ୍ରୀ ବେଲେଶ୍ୱର ନାଥ ସାହୁ, ଡ୍ରେନେଜ୍ ବିଭାଗ ମୁଖ୍ୟଯନ୍ତ୍ରୀ ଜ୍ୟୋତିରଞ୍ଜନ ରଥ, ଡ୍ରେନେଜ୍ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ସ୍ୱାଇଁ, ମହାନଦୀ ନର୍ଥ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଉପନିର୍ବାହୀ ଯନ୍ତ୍ରୀ ପ୍ରଦୀପ ନାୟକ, କେନ୍ଦୁପାଟଣା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରା, ସହକାରୀ ଯନ୍ତ୍ରୀ ଅଜୟ ବେହେରା ଓ ଜ୍ଞାନେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଦିଲୀପ ଦାଶ, ଜ୍ୟୋତିରେଖା ନାୟକ, ରମେଶ ଚନ୍ଦ୍ର ଜେନା, ନାରାୟଣ ପତି, ସଭାପତି ସଞ୍ଜିତ୍ ଦାଶ, ଅଶୋକ କୁମାର ଭୂୟାଁ, ସୁବାଶିଷ ପ୍ରଧାନ ଓ ପବିତ୍ର ମୋହନ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମୀ ମନ୍ତ୍ରୀ, ବିଧାୟକଙ୍କ ପରିଦର୍ଶନରେ ସାମିଲ୍ ହୋଇଥିଲେ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଭିକାରୀ ବଳ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚିତ

କଟକ ଅଫିସ,୨୬।୮: ରାଜାବଗିଚାସ୍ଥିତ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା ସୋମବାର ନିର୍ବାଚିତ ହୋଇଛନ୍ତି। ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସଭାପତି ଭାବେ ଅରୁଣ କୁମାର ପଣ୍ଡା, ଉପ ସଭାପତି ଡ. ବିଜୟ କୁମାର ସିଂହ, ସମ୍ପାଦକ ଡ. ସୁନାମଣି ରାଉତ, ସହସମ୍ପାଦକ ଡ. ଜୀବନାନନ୍ଦ ଅଧିକାରୀ, କୋଷାଧ୍ୟକ୍ଷ ଭାବେ ଅମିୟ କୁମାର ବଳ ନିର୍ବାଚିତ ହୋଇଥିଲେ। ସେହିପରି ସାଧାରଣ ପରିଷଦ ସଦସ୍ୟ ଭାବେ ତରୁଣ କୁମାର ସାହୁ, କଳ୍ପନା ବଳ, ଡ. ବୈଜୟନ୍ତୀ ମିଶ୍ର, ଅରୁଣ କୁମାର ମନ୍ତ୍ରୀ, ସ୍ୱାଗତ ରାଉତ ଏବଂ ଶୁଭମ୍ ଶାଶ୍ୱତ ରାଉତ ନିର୍ବାଚିତ ହୋଇଥିଲେ। ଆଗାମୀ ତିନିବର୍ଷ ପାଇଁ ଏହି ନିର୍ବାଚିତ କର୍ମକର୍ତ୍ତାମାନେ କାର୍ଯ୍ୟ କରିବେ ବୋଲି ସଂସଦର ନବନିର୍ବାଚିତ ସମ୍ପାଦକ ଡ. ସୁନାମଣି ରାଉତ କହିଛନ୍ତି।

### ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

କଟକ ଅଫିସ, ୨୬।୮: ନୀଳଚକ୍ର ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ସୋମବାର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନମିତା ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତର ସାଂସ୍କୃତିକ ସଙ୍ଗଠନ, ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜୀବୀମାନଙ୍କୁ ଏହି ଉତ୍ସବରେ ସାମିଲ କରାଯାଇ ଏକ ସାଂସ୍କୃତିକ ସଂକଳନ ପ୍ରକାଶ କରିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ସୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଆୟୋଜକ କମିଟି ଗଠନ କରାଯାଇଥିବାବେଳେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସ୍ମରଣିକା କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ, ଦୀପକ ମହାନ୍ତ, ଉପସଭାପତି ରମାକାନ୍ତ ମହାପାତ୍ର, ରଞ୍ଜନ କୁମାର ମହାନ୍ତି, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପଞ୍ଚାୟତସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଟାଙ୍ଗୀ(କଟକ),୨୬।୮(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଶିଶୁ ସୁରକ୍ଷା ସଂକ୍ରାନ୍ତ ପଞ୍ଚାୟତସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧିକାରିଣୀ ପ୍ରଗତି ମହାନ୍ତି ଯୋଗଦେଇ ଶିଶୁମାନଙ୍କ ଅଧିକାର, ନ୍ୟାୟିକ ବ୍ୟବସ୍ଥା ଓ କର୍ମକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ତୃଣମୂଳସ୍ତରରେ ଘଟୁଥିବା ଶିଶୁ ଅଧିକାର ଉଲ୍ଲଂଘନଗୁଡ଼ିକୁ ରୋକିବା, ସମସ୍ତ ଶିଶୁଙ୍କୁ ଏକ ନିରାପଦ ଓ ସୁରକ୍ଷିତ ପରିବେଶ ଯୋଗାଇଦେବା ସମସ୍ତଙ୍କ ଦାୟିତ୍ୱ ବୋଲି କଟକ ଜିଲା ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଭ୍ୟ ଅମୀୟ ଭୂଷଣ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ସିଡବ୍ଲ୍ୟୁସି ସଦସ୍ୟ ପ୍ରତାପ ଚନ୍ଦ୍ର ରାଉତ, ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ନଖରା ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କରିଥିଲେ।

# ଓଏମ୍‌ପି-ବାଦାମବାଡ଼ି ରାସ୍ତା ମରଣଯନ୍ତା

■ରାସ୍ତା ସମସ୍ୟା ଦୂର ପାଇଁ ରୁଦ୍ଧଦ୍ୱାର ବୈଠକ
■ ଉନ୍ନତୀକରଣ ପାଇଁ ଗଠନ ହୋଇଛି ଟିମ୍

କଟକ ଅଫିସ, ୨୬।୮

କିଛିଦିନ ବର୍ଷା ହେବା ଫଳରେ କଟକ ସହରରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ଅବସ୍ଥାରେ ସୁଧାର ଅଣାଯାଉନାହିଁ। ଜାଇକା କାମ ହେବା ଫଳରେ ବିଭିନ୍ନ ଅଞ୍ଚଳର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ହେବାରୁ ସେଥିରେ ପାଣି ଜମି ରହୁଛି। ସହରର ମୁଖ୍ୟ ରାସ୍ତା ଓଏମ୍‌ପିଠାରୁ ବାଦାମବାଡ଼ି ପର୍ଯ୍ୟନ୍ତ ଅବସ୍ଥା ମରଣଯନ୍ତା ପାଲଟିଛି। ସେହିପରି ଓଏମ୍‌ପିରୁ ଖପୁରିଆ ଜଙ୍କସନ ରେଲୱେ ଓଭରବ୍ରିଜ ତଳ ରାସ୍ତା ଶୋଚନୀ ହୋଇପଡିଛି। ରାସ୍ତାଗୁଡ଼ିକରେ ଯାନବାହନ ଯାତାୟାତ କରି ବଡ଼ ବଡ଼ ଖାଲ ହେବା ଫଳରେ ଦୁର୍ଘଟଣା ବଢୁଥିବା ଦେଖାଯାଉଛି। ସହରରେ ରାସ୍ତା ସମସ୍ୟା ଏକ ଜଟିଳ ସମସ୍ୟା ଭାବେ ଦେଖାଦେଇଛି। ଏହି ସମସ୍ୟା କିପରି ଦୁର ହେବ ତାହାକୁ ନେଇ କଟକ ମହାନଗର ନିଗମ(ସିଏମ୍‌ସି) ବିଜୁଭବନରେ ସୋମବାର ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଯାଇଛି।

ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି, ଜାଇକା, ଆର୍ ଆଣ୍ଡ ବି, ଓପିଟିସିଏଲ୍, ସେସୁ, ପିଏଚ୍‌ଡିର ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। କେବୁଲ ବିଛାଯିବା ନିମନ୍ତେ ରାସ୍ତା ଖୋଳା ଯାଉଥିବାବେଳେ ଏହାର ମରାମତି କରାଯାଉନାହିଁ। ଜାଇକା କାମ ନିମନ୍ତେ ଖୋଳା ଯାଉଥିବାବେଳେ ମରାମତି କରା ନ ଯାଇ ପକାଇ ରଖାଯାଉଛି। ପାଣି ପାଇପ ବିଛା ଯାଇଥିବାବେଳେ ତାହା ପୁନଃବାର ମରାମତି କରାଯାଉନାହିଁ। ଯାନବାହନ ଯାତାୟାତ କରି ରାସ୍ତାରେ ହୋଇଥିବା ଖାଲ ବଡ଼ ଆକାରରେ ପରିଣତ ହେଉଛି। ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ଏହି ବୈଠକରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ବିଭିନ୍ନ ବିଭାଗର ଅଧିକାରୀ ରହିବେ। ଏହି ଟିମ୍ ସପ୍ତାହକ ଭିତରେ ପ୍ରତିଦିନ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ରାସ୍ତାର ଉନ୍ନତୀକରଣ ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଯିବ, କେଉଁ ବିଭାଗ ପାଖରେ ସମସ୍ୟା ରହୁଛି ତାହା ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ସମାଧାନ କରି ରାସ୍ତାର ଉନ୍ନତୀକରଣ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାରଠାରୁ ଏହି ଟିମ୍ ପ୍ରଥମେ ବିଡ଼ାନାସୀରୁ କାର୍ଯ୍ୟ ଆରମ୍ଭ କରିବ। ବିଡ଼ାନାସୀ ଅଞ୍ଚଳର ରାସ୍ତା ସମସ୍ୟା କିପରି ଦୂର ହେବ ତାହାର ରିପୋର୍ଟ ପ୍ରତିଦିନ ଦେବା ନିମନ୍ତେ କମିଶନର କହିଛନ୍ତି। ସପ୍ତାହକ ଭିତରେ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ରାସ୍ତା ସମସ୍ୟା ଦୁର କରିବା ସହ ଗଣେଶ ପୂଜା ଭିତରେ ସମସ୍ତ କାର୍ଯ୍ୟ ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜାଇକା ପ୍ରକଳ୍ପ ପରିଚାଳକ ବସନ୍ତ କୁମାର ପରିଡ଼ା କହିଛନ୍ତି, ରାସ୍ତାର ଉନ୍ନତୀକରଣ ନିମନ୍ତେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

# ଗାନ୍ଧୀ ସ୍ମୃତିପୀଠର କାର୍ଯ୍ୟ ପରଖିଲେ ଜିଲାପାଳ



ଗାନ୍ଧୀ ସ୍ମୃତି ପୀଠରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅଧିକାରୀମାନେ।

ଫୁଲନଖରା,୨୬।୮(ଡି.ଏନ୍.ଏ.)

କଟକ ମହାନଗର ନିଗମର ୫୯ନଂ. ୱାର୍ଡର ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠର ପାର୍କ କାର୍ଯ୍ୟ ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଲି ଦେଖିବା ସହ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେପ୍ଟେମ୍ବର ୧୫ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ସିଏମସିର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପୀଠର ଜମିକୁ ଜବରଦଖଲ ମୁକ୍ତ କରାଯିବା ସହିତ ଏହି ପୀଠକୁ ୧୬ନଂ. ଜାତୀୟ ରାଜପଥରେ ସଂଯୋଗ କରିବା ପାଇଁ ଜଳସମ୍ପଦ ବିଭାଗର ବିଭାଗୀୟ ଅଧିକାରୀ ଓ ଆରଆଣ୍ଡବିର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହ ଜିଲାପାଳ ଚୟନୀ ଗାନ୍ଧୀ ସ୍ମୃତି ପୀଠର ଅବରୋଧ ମୁକ୍ତ ଜାଗା ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ପ୍ରତାପନଗରୀ ଡେଲଟା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ତାରେଣିଆ, କଟକ ସଦର ତହସିଲଦାର ସଞ୍ଜୟ ପ୍ରତିହାରୀ, ଆରଆଣ୍ଡବିର ସହକାରୀ ଯନ୍ତ୍ରୀ ଅକ୍ଷୟ ମୂଳିଆ, ସହକାରୀ ଯନ୍ତ୍ରୀ ରବି ନାରାୟଣ ସାହୁ, ତେଲେଙ୍ଗାପେଣ୍ଠ ଆରଆଇ ଓ ସିଏମ୍‌ସିର ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।




କଟକ ଶିଖରପୁର ପୁରୁଣା ଲେଭଲ କ୍ରସିଂ ଗେଟ ନିକଟରେ ସୋମବାର ରେଲୱେ ସୁରକ୍ଷା ବଳ ପକ୍ଷରୁ ଅନୁଷ୍ଠିତ ଜନସଚେତନତା କାର୍ଯ୍ୟକ୍ରମ।

## ଜିଲାପାଳଙ୍କୁ ଘେରିଲେ ଚାଷୀ

କଟକ ସଦର,୨୬।୮(ଡି.ଏନ୍.ଏ.)

କିଶନନଗର ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରାହାପାଟ ସଫେଇ ନାଳର କିଛି ଅଂଶକୁ କିଶନନଗର ତହସିଲଦାର ମତ୍ସ୍ୟଚାଷ ପାଇଁ ନିଲାମ ଦେଇଛନ୍ତି। ଫଳରେ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ସୋମପୁର ଅଞ୍ଚଳର ଚାଷୀମାନେ ସଫେଇ ଓ କାଡା ନାଳରୁ ଅବରୋଧ ହଟାଇବା ଦାବିରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଘେରିଥିଲେ। ଶୀଘ୍ର ଜଳସମ୍ପଦ ବିଭାଗ ସହ ଆଲୋଚନା କରାଯାଇ ଜଳ ନିଷ୍କାସନର ବାଟ ବାହାର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ବାରାହାପାଟ ବୁଲିବାକୁ ଯାଇଥିଲେ। ଆଉ ମତ୍ସ୍ୟଦିଆ ନିଲାମ ନ କରିବା ପାଇଁ ସ୍ଥାନୀୟ ତହସିଲଦାର ସୁଚେତା ମହାପାତ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଅବଦ୍ଦୁଲ ଅଖତର, କଟକ ଏସିପି ରାଧା ବିନୋଦ ପାଣିଗ୍ରାହୀଙ୍କ ସମତେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ ଅଫିସ,୨୬।୮

କାଠଯୋଡି ନଦୀକୁ ଡେଇଁ ସୋମବାର ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଥିବା ବେଳେ ତାଙ୍କୁ ଜଣେ ଯୁବକ ଉଦ୍ଧାର କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଜଣକ ହେଲେ ଭୁବନେଶ୍ୱର ଡେଲଟା ଅଞ୍ଚଳର ଶୁଭାସିନୀ ସାହୁ ଓରଫ ସୋଲି। ସୂଚନା ଅନୁଯାୟୀ, ଶୁଭାସିନୀ ସୋମବାର ସକାଳ ପ୍ରାୟ ୧୧ଟା ରେ ଖାନନଗର ଗଣେଶ ମନ୍ଦିର ନିକଟ ତୁଠରେ ନଦୀକୁ ଡେଇଁ ପଡିଥିଲେ। ଫଳରେ ସେ ନଦୀ ମଝିକୁ ଭାସିଯାଇଥିଲେ। ପାଖରେ ଥିବା ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାଣି ଅଧିକ ଥିବାରୁ କେହି ତାଙ୍କ ପାଖକୁ ଯାଇ ପାରି ନ ଥିଲେ। ଏହି ସମୟରେ ସେଠାରେ ଗାଧୋଉଥିବା ତୋଫାନ ପହଁରି ତାଙ୍କ ପାଖରେ ପହଞ୍ଚିବା ସହ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଶୁଭାସିନୀଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ଚିକିତ୍ସା ପରେ ଥାନାକୁ ଆଣିଥିଲା। ଖବର ପାଇ ଶୁଭାସିନୀଙ୍କ ଭାଇ ରବୀନ୍ଦ୍ର ସାହୁ ଥାନାକୁ ଆସି ତାଙ୍କ ଭଉଣୀ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସକୁ କହିଥିଲେ। ପୋଲିସ ଶୁଭାସିନୀଙ୍କୁ ତାଙ୍କ ଭାଇଙ୍କ ଜିମା ଦେଇଥିବା ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

## ଡ୍ରିମ୍‌ସରେ ସ୍ୱାଗତ ଉତ୍ସବ 'ଦିଶାରମ୍ଭ-୨୦୧୯'

କଟକ ଅଫିସ,୨୬।୮

ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ 'ଦିଶାରମ୍ଭ-୨୦୧୯' ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ଭଲ ମଣିଷ ହୋଇ ସମାଜର ଉନ୍ନତିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ପୁରୀ ଗୋବର୍ଦ୍ଧନ ପୀଠ 'ଆଦିତ୍ୟ ବାହିନୀ'ର ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇ ନିଜର ସାଧନା ଓ ସଫଳତା ଦ୍ୱାରା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା ଉପସ୍ଥିତ ରହି କଠିନ ପରିଶ୍ରମ, ମାତାପିତା ଓ ଗୁରୁଜନଙ୍କ ଆଶୀର୍ବାଦ କାମନା କରି ବିଦ୍ୟାର୍ଥୀମାନେ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ କହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏକାଡେମିକ୍ କ୍ୟାଲେଣ୍ଡର ଓ ବିଦ୍ୟାର୍ଥୀ ସହାୟକ ପୁସ୍ତିକା ଉନ୍ମୋଚନ ସହ ଏକାଡେମିକ୍ ଭବନରେ ୩ଟି ଆଇସିଟି କ୍ଲାସରୁମ୍ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରାଜେନ୍ଦ୍ର କୁମାର ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏକାଡେମିକ ଡିନ୍ ଡକ୍ଟର ଜୀବନାନନ୍ଦ ମେହେନା, ଛାତ୍ର କଲ୍ୟାଣ ଡିନ୍ ଡ. ନିରଞ୍ଜନ ପଣ୍ଡା, ଆଇକ୍ୟୁଏସି ସଂଯୋଜକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ରଶ୍ମିରଞ୍ଜନ ବିଶ୍ୱାଳ, ରାଜୀବ କୁମାର ଅଗ୍ରୱାଲ, ଦୀପକ ରଞ୍ଜନ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସାହୁ, ସିଡିସିର ସହକାରୀ ନିର୍ଦ୍ଦେଶକ ରମାକାନ୍ତ କାସ୍ତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଅନୁରେଖା ନାୟକ ଓ ଶୀତଲ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା ଏବଂ ଉପାଧ୍ୟକ୍ଷ ବିପନ ବିହାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## କଟକ ପତଞ୍ଜଳି ଯୁବ ଭାରତ କାର୍ଯ୍ୟକର୍ତ୍ତା ବୈଠକ

କଟକ ଅଫିସ, ୨୬।୮

କଟକ ଜିଲା ପତଞ୍ଜଳି ଯୁବ ଭାରତ କାର୍ଯ୍ୟକର୍ତ୍ତା ବୈଠକ ରବିବାର ସକାଳେ ଖାନ୍‌ନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଯୁବପ୍ରଭାରୀ ଅଚ୍ୟୁତା ନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପୂଜ୍ୟ ସ୍ୱାମୀ ଓମ୍ ଦେବ ଜୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବପ୍ରଭାରୀ ପୀତାମ୍ବର ସାହୁ, ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂପ୍ରକାଶ ମହାପାତ୍ର, ଯୁବ ରାଜ୍ୟ ମିଡିଆ ପ୍ରଭାରୀ ଅମୃତନଂଶୁ ପ୍ରଧାନ ଯୋଗଦେଇ କଟକ ଜିଲାରେ ଯୋଗ, ଆୟୁର୍ବେଦ ଓ ସ୍ୱଦେଶୀକୁ କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରିବା ଓ ଆନ୍ତରିକତାର ସହ କାର୍ଯ୍ୟକରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲା ଯୁବ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସଙ୍ଗଠନର କିଛି ପରିବର୍ତ୍ତନ କରାଯାଇ ପାର୍ଟନ ମେମ୍ବର ଭାବେ ବିଜ୍ଞାନାନନ୍ଦ ମହାନ୍ତି, ଯୁବ ପ୍ରଭାରୀ ଅଚ୍ୟୁତାନନ୍ଦ ବେହେରା, ସହ ଯୁବପ୍ରଭାରୀ ସ୍ୱରୂପ କୁମାର ସାହୁ, ଯୋଗ ବିସ୍ତାରକ ସତ୍ୟରଞ୍ଜନ ଷଡଙ୍ଗୀ, ସୋସିଆଲ ମିଡିଆ ପ୍ରଭାରୀ ତାପସ ପରିଡା ଓ ଗଗନ ବିହାରୀ ଖଟୁଆଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ଜିଲା ପ୍ରଭାରୀ ନରୋତ୍ତମ ଜେନା, କଳ୍ପନା ପରିଡା, ରାଜକିଶୋର ବେହେରା, ଇତିଶ୍ରୀ ନନ୍ଦ, ରାଜଶ୍ରୀ ମହାପାତ୍ର, ବିଜୟନୀ ବେହେରାଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ରକ୍ତଦାନ ଶିବିର

କଟକ ଅଫିସ, ୨୬।୮

କଟକ ମହାନଗର ନିଗମ ଅଧୀନ ୩୪ନଂ. ୱାର୍ଡର ନୂଆପାଟଣା ପପୁଲାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଏହି ଶିବିରରେ ୬୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାପତି ପ୍ରଶାନ୍ତ ପୃଷ୍ଟି, ବିକାଶ ବେହେରା, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଚୀ ସାହିତ୍ୟ ସମାଜର କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ,୨୬।୮

ନୂଆବଜାରସ୍ଥିତ ଏଗ୍ରିକଲଚର୍ କଲୋନୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରାଚୀ ସାହିତ୍ୟ ସମାଜର କବିତା ପାଠୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ଗାନ୍ଧିଜୀଙ୍କର ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଇଂ. ହରିହର ସେଠୀ ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ କାର୍ଯ୍ୟକାରୀ ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ରାଜକିଶୋର ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ପ୍ରଭାତୀରାଣୀ ମହାନ୍ତି, ଉତ୍ତମ ଚରଣ ପ୍ରଧାନ, ଗୀତାଞ୍ଜଳି ନାୟକ, ନିରୂପମା ସାହୁ , ପ୍ରସନ୍ନଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବନଲତା ସିଂହ ଧନ୍ୟବାଦ ଦେଇଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

କଟକ ଅଫିସ,୨୬।୮

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତଳତେଲଙ୍ଗା ବଜାରସ୍ଥିତ ଚନ୍ଦ୍ରଶେଖର ମନ୍ଦିର ପରିଚାଳନା କମିଟି କେନ୍ଦ୍ରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ସଚିବ ଗାର୍ଗୀ ପଟ୍ଟନାୟକ, ଆଇନଜୀବୀ ତଥା ଶିଶୁ ମଙ୍ଗଳକ କମିଟି ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା।

## କୋଟସାହି ପଞ୍ଚାୟତରେ ସରକାରୀ ଯୋଜନା ବାଟବଣା

ଟାଙ୍ଗୀ(କଟକ),୨୬।୮(ଡି.ଏନ୍.ଏ.)



କେନ୍ଦ୍ରୀୟ ଟିମ୍‌ଙ୍କ ସହ ଅନ୍ୟମାନେ।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟ ତଦାରଖ କରିବାକୁ ସୋମବାର କେନ୍ଦ୍ରୀୟ ଟିମ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୪ଟି ପଞ୍ଚାୟତ ଗସ୍ତ କରିଥିଲେ। ଏହି ଗସ୍ତରେ ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ନିର୍ମାଣ ଆଦି ଯୋଜନାଗୁଡ଼ିକର କାର୍ଯ୍ୟ ପରଖିଥିଲେ। କୋଟସାହି ପଞ୍ଚାୟତରେ ନିଯୁକ୍ତ ଜିଆରଏସ ୫ଜଣ ଜବକାର୍ଡଧାରୀଙ୍କୁ ଯୋଗାଡ଼ କରି ନ ପାରିବା, ନିର୍ମଳ ଗ୍ରାମ ପୁରସ୍କାର ଅନୁଦାନ ଭିନ୍ନ ବାଟରେ ଖର୍ଚ୍ଚହେବା ଓ ପରିମଳ ଯୋଜନାରେ ୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ପାଇଖାନାର ଅନିୟମିତତାର କେନ୍ଦ୍ରୀୟ ଟିମ ପ୍ରଶ୍ନ ଉଠାଇଥିଲେ । ପଞ୍ଚାୟତକୁ ଆସୁଥିବା ଲୋକଙ୍କ ନିମନ୍ତେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବଦଳରେ ବ୍ୟକ୍ତିଗତ ମାଲିକାନାରେ ଥିବା ଏକ ମନ୍ଦିର ପରିସରରେ ଏହି ଅର୍ଥ ଖର୍ଚ୍ଚ କରାଯାଇଥିବା ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଏ ନେଇ ସରପଞ୍ଚ ଅମୂଲ୍ୟ କୁମାର ସାହୁ କୁହନ୍ତି, ବ୍ୟକ୍ତିଗତ ମାଲିକାନାରେ ଥିବା ମନ୍ଦିର ପରିସରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କଥା ସତ୍ୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକତା ରହିଛି। ଭଟ୍ଟିମୁଣ୍ଡା ପଞ୍ଚାୟତରେ କେନ୍ଦ୍ରୀୟ ଯୋଜନାର ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ଗରୁଡ଼ଗାଁ ଓ ମଙ୍ଗରାଜପୁର ପଞ୍ଚାୟତରେ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ ଟିମର ସଂଯୋଜକ ଏନ୍. ରେଡ୍ଡି ଓ ସହ ସଂଯୋଜକ ସୁଦର୍ଶନ ଛତ୍ରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ବିନୋଦ କୁମାର ସେନାପତି ଓ ନିର୍ବାହୀ ଯନ୍ତ୍ରୀ ନାରାୟଣ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ବାକି ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ଶେଷ କରିବା ସହ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ଗୁରୁତ୍ୱଦେବାକୁ ପରାମର୍ଶ ଦେଇଥିଲେ ।

■ ଜଳସମ୍ପଦ ମନ୍ତ୍ରୀଙ୍କ କଟକ ଜିଲା ଗସ୍ତ

# ନଦୀ, କେନାଲ ବନ୍ଧ ଅନୁଧ୍ୟାନ କଲେ

କଟକ ଅଫିସ/ଚୌଦ୍ୱାର, ୨୬।୮(ଡି.ଏନ୍.ଏ.)



ତାଳଦଣ୍ଡା କେନାଲ ପରିଦର୍ଶନ ବେଳେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର କଟକ ସହରର ବିଭିନ୍ନ କେନାଲ ବନ୍ଧ ପରିଦର୍ଶନ କରି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ଓ ସାଲେପୁର ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ମହାନଦୀ, ବିରୁପା ନଦୀବନ୍ଧ ଓ ତାଳଦଣ୍ଡା କେନାଲ ବୁଲି ଦେଖିଥିଲେ। ତାଳଦଣ୍ଡା କେନାଲର ଯୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ୧୧.୬୮ କିମିର ସଫେଇ କାର୍ଯ୍ୟ, ଆବଶ୍ୟକସ୍ଥଳେ ପଥର ପ୍ୟାକିଂ କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୫୩.୯୯ କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲରେ ଏହିସବୁ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ରାଣୀହାଟରୁ ବକ୍ସବାଟି ରୋଡରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ଛତ୍ରବଜାର ପ୍ରଫେସରପଡା ନିକଟ ତାଳଦଣ୍ଡା କେନାଲ ଉପରେ ଏକ ସେତୁ ଆର୍ ଆଣ୍ଡ ବି ପକ୍ଷରୁ ନିର୍ମାଣ କରାଯିବ। ଜଳସମ୍ପଦ ବିଭାଗ ପକ୍ଷରୁ ଏଥିନିମନ୍ତେ ଅନୁମତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପରେ ମନ୍ତ୍ରୀ ଦାସ ଗାନ୍ଧୀପଲ୍ଲି ଗସ୍ତ କରି ସେଠାରେ ଥିବା ବୁରୁଜକୁ ଅଧିକ ସମ୍ପ୍ରସାରଣ କରିବା ସହିତ ପଥର ପ୍ୟାକିଂକୁ ସୁଦୃଢ଼ୀକରଣ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ମନ୍ତ୍ରୀ ଦାସ ଚୌଦ୍ୱାର ଅଞ୍ଚଳର ନଦୀ ବନ୍ଧ ପରିଦର୍ଶନ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ଦାସ ଚୌଦ୍ୱାର ପୌରପାଳିକାର ଚୌଦ୍ୱାର-ମଣ୍ଡାପଡା ରାସ୍ତାରେ ଥିବା ଛତିଶା ଜଳ ନିଷ୍କାସନ ଏକ ପୋଲକୁ ଦେଖି ଏଥିରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏହାର ସମ୍ପ୍ରସାରଣ କରାଯିବାକୁ ଡ୍ରେନେଜ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡାପଡ଼ାଠାରୁ ଜଗତପୁର ବଟଛକ ପର୍ଯ୍ୟନ୍ତ ବିରୂପା ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, କରୁଣାକର ସାହୁ, ଶୁଭେନ୍ଦୁ ସାମଲ, ବିଷ୍ଣୁ ଚରଣ ପରିଡ଼ା, ସବିତା ନାୟକ, ବ୍ଲକ୍ ଉପାଧ୍ୟକ୍ଷା ଜାନକୀ ପରିଡ଼ା, କୟଳପଡ଼ା ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ, ଜିଲ୍ଲ ପରିଷଦ ସଦସ୍ୟ ଶ୍ରୀଧର ରାଉଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ମୋ କୁଡ଼ିଆ ଯୋଜନାରେ ବୃଦ୍ଧାଙ୍କୁ ଆବାସ ମିଳୁ



ଚିଲିକା,୨୬।୮(ଡି.ଏନ.ଏ.)-ଚିଲିକା ବ୍ଲକସ୍ଥ ହରିପୁର ପଞ୍ଚାୟତ ଅନ୍ତର୍ଗତ ଜୟଗୁରୁ ସାହିରେ ରହୁଥିବା ସ୍ୱର୍ଗତ ହଜାରୀ ନାୟକଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ମୋ କୁଡ଼ିଆ ଯୋଜନା ଗୃହ ମିଳିବା ସ୍ୱପ୍ନ ହୋଇପଡ଼ିଥିବା ମନେହେଉଛି। ଫନୀ ବାତ୍ୟାରେ ତାଙ୍କର ମାଟି ଘରଟି ଭୁଶୁଡ଼ି ପଡ଼ିବାରୁ ବହୁ କଷ୍ଟରେ ମାଗି ମୁଣ୍ଡ ଗୁଞ୍ଜିବାକୁ ଚାଳଘର ଖଣ୍ଡେ କରିଥିଲେ। ତେବେ ଗତ ୧୦ ତାରିଖରେ ଘରଟି ଅଗ୍ନିକାଣ୍ଡରେ ପୋଡ଼ିଯାଇଥିଲା। ନିଆଁ ଲାଗି ସେ ଆହତ ହୋଇଥିବାବେଳେ ପୋଷିଥିବା ଛେଳିଟି ମଧ ଜୀବନ୍ତ ଦଗ୍ଧ ହୋଇଯାଇଥିଲା। ଏ ପର୍ଯ୍ୟନ୍ତ ତାଙ୍କୁ ସରକାରୀ ସହାୟତା ମିଳିପାରିନାହିଁ। ଏଣୁ ସରକାରୀ ଆବାସ ଯୋଜନା ଅନୁସାରେ ଲକ୍ଷ୍ମୀଙ୍କୁ ପକ୍କା ଘରଟିଏ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### କଳିଙ୍ଗ ୟୁଥ୍‌ଫୋରମ୍‌ର ଗଣେଶ ମହୋତ୍ସବ



ଜଟଣୀ,୨୬।୮(ଡି.ଏନ.ଏ.): ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସ୍ଥାନୀୟ ମ୍ୟୁନିସିପାଲିଟି ଛକ ଗୋଡାଧର୍ମସାଗର ଅଞ୍ଚଳରେ କଳିଙ୍ଗ ୟୁଥ୍ ଫୋରମ୍ ପକ୍ଷରୁ ଗଣେଶ ମହୋତ୍ସବ ଅନୁଷ୍ଠିତ ହେବ। ଗଣେଶ ପୂଜା ସେପ୍ଟେମ୍ବର ୨ରୁ ୧୨ ଦିନ ଧରି ଆୟୋଜିତ ହେବ। ମହୋତ୍ସବ ପରିସରରେ ମିନାବଜାର, ଯାତ୍ରା ଆଦି ପରିବେଷିତ ହେବ। ସେହିପରି ମହୋତ୍ସବ ମଞ୍ଚରେ ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟଗୀତ ଆଦି ପରିବେଷଣ ହେବା ସହ ୨୦୦ରୁ ଅଧିକ ବିଭିନ୍ନ ସାମଗ୍ରୀର ସମ୍ଭାର ନେଇ ଷ୍ଟଲ ମାନ ସ୍ଥାନ ପାଇବ ବୋଲି ଫୋରମ୍‌ର ସଭାପତି ମନୋରଞ୍ଜନ ମାର୍ଥା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପଦ୍ମଚରଣ ପ୍ରଧାନ, ଆବାହକ ସୀତାକାନ୍ତ ନାୟକ, ସନ୍ତୋଷ ହୋତା, ଉମାକାନ୍ତ ମହାପାତ୍ର, ବିରଞ୍ଚି ନାରାୟଣ ସେଠୀ, ମନମୋହନ ରାଉତରାୟ, ଦୀନବନ୍ଧୁ ରଣସିଂ, ରାକେଶ ଦଳାଇ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ମନ୍ଦିର ହୁଣ୍ଡି, ଆଲମାରି ଭାଙ୍ଗି ଟଙ୍କା ଓ ଅଳଙ୍କାର ଚୋରି



ନିରାକାରପୁର, ୨୬।୮ (ଡି.ଏନ.ଏ.)- ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ମହାବୀର ମନ୍ଦିର ଓ ସାଇମନ୍ଦିର ହୁଣ୍ଡି, ଆଲମାରି ଭାଙ୍ଗି ଦୁର୍ବୃତ୍ତମାନେ ରବିବାର ରାତିରେ ଠାକୁରଙ୍କର ରୁପା ଅଳଙ୍କାର ଓ ଟଙ୍କା ଚୋରି କରିଛନ୍ତି। ଏନେଇ ପୂଜା କମିଟି ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ସୋମବାର ସକାଳେ ପୂଜକମାନେ ମନ୍ଦିର ଖୋଲିଲା ବେଳେ ଆଲମାରି ଭଙ୍ଗା ଯାଇ ଚୋରି ହୋଇଥିବା ଦେଖି ପରିଚାଳନା କମିଟିକୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମନ୍ଦିର ସମ୍ମୁଖ ଏକ ଘରେ ଥିବା ମହାବୀରଙ୍କ ହୁଣ୍ଡିରୁ ମଧ ଚୋରି ହୋଇଥିବା ଦେଖିଥିଲେ। ସାଇବାବାଙ୍କର ୩ ରୁପା କିରିଟି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ ମହାବୀରଙ୍କ ହୁଣ୍ଡିରୁ ପ୍ରାୟ ୭ ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିବା ଏଏସ୍‌ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି।

■ ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଡେଙ୍ଗୁ ଭୟ ସହରବାସୀଙ୍କୁ ଘାରିଲା

ଖୋର୍ଦ୍ଧା ଅଫିସ,୨୬।୮

ବୃଦ୍ଧି ପାଉଛି ମଶାଙ୍କ ଉପଦ୍ରବ



ଜିଲା ମୁଖ୍ୟଚିକିତ୍ସାଳୟ ପାଖରେ ପଡିରହିଥିବା କଟା ପଇଡ ।

ଖୋର୍ଦ୍ଧା ସହରର ଲୋକସଂଖ୍ୟା ବୃଦ୍ଧି ସାଙ୍ଗକୁ ବଢି ଚାଲିଛି ପ୍ରଦୂଷଣ। ସଫେଇ ଓ ପରିମଳ ବ୍ୟବସ୍ଥାକୁ ଭୁଲିଯାଇଛି ପୌର ପ୍ରଶାସନ। ଡ୍ରେନ ଠିକ୍ ଭାବେ ସଫା ହେଉ ନ ଥିବା ବେଳେ ବ୍ଲିଚିଂ ଠିକ୍ ଭାବେ ପଡୁନି। ରାସ୍ତା କଡରେ ପଲିଥିନ ଓ ପଇଡର ସ୍ତୁପ ସାଙ୍ଗକୁ ଦେଖିବାକୁ ମିଳୁଛି କୁଢ କୁଢ ଆବର୍ଜନା। ପ୍ରଦୂଷିତ ପରିବେଶ ଫଳରେ ଦିନକୁଦିନ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ମଶା ପାଇଁ ସହରବାସୀ ରାତିରେ ଟିକିଏ ଶାନ୍ତିରେ ଶୋଇ ପାରୁନାହାନ୍ତି। ପୌରପାଳିକାର ମଶା ଘଉଡାଇବା ପାଇଁ ୨ଟି ଫିଗ ମେଶିନ ରହିଥିଲେ ହେଁ ଅଚଳ ହୋଇ ପଡିରହିଛି। ଏପରିକି ସହରର ବିଭିନ୍ନ ସ୍ଥାନରେ ଥିବା ପରିତ୍ୟକ୍ତ ଖାଦନଗୁଡିକରେ ପ୍ରଦୂଷିତ ପାଣି ଜମି ରହୁଛି। ଏଭଳିସ୍ଥଳେ ଡେଙ୍ଗୁ ଚିନ୍ତା ସହରବାସୀଙ୍କୁ ଘାରିଛି।

୨୦୧୧ ଜନଗଣନା ଅନୁଯାୟୀ, ସହରର ଲୋକ ସଂଖ୍ୟା ପାଖାପାଖି ୫୦ ହଜାରକୁ ଛୁଇଁଲାଣି। ସହରରୁ ପ୍ରତ୍ୟହ ପ୍ରାୟ ୧୫ ରୁ ୧୬ ଟନ ମଇଳା ଓ ଆବର୍ଜନା ବାହାରୁଛି। ସହରର ୨ଟି ୱାର୍ଡକୁ ଛାଡି ଦେଲେ ୨୦ଟି ଓ୍ୱାର୍ଡ ଘରୋଇକରଣ ହୋଇଛି। ହେଲେ ସହରର ସଫେଇ ପରିମଳ ବ୍ୟବସ୍ଥାରେ ସୁଧାର ଆସି ଡ୍ରେନ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। କେତେଗୋଟି ୱାର୍ଡର ଅଧା ଅଞ୍ଚଳରେ ଡ୍ରେନ ନ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି। ସ୍ୱରେଜ ବ୍ୟବସ୍ଥା ଠିକ୍ ଭାବେ ନ ଥିବାରୁ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ହରିଜନ ସାହି, ହାବେଳି ତଳ ସାହି, ବୁଢି ବଗିଚା, ସଟର କଲୋନୀ ଆଦି ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରୁନାହିଁ। ପୌରପାଳିକା ପକ୍ଷରୁ ସହର ଲାଗି ବର୍ଷକୁ ମାତ୍ର ୨୫ରୁ ୩୦ ହଜାର ଟଙ୍କାର ବ୍ଲିଚିଂ କିଣାଯାଉଥିବା ଜଣାପଡିଛି। ସ୍ୱାଧୀନତା, ସାଧାରଣତନ୍ତ୍ର, ସ୍ୱାୟତ୍ତ ଶାସନ ଦିବସ ଏବଂ ବଡବଡିଆଙ୍କ ମିଳିଛି। ଅନ୍ୟପକ୍ଷରେ ମଶା ଘଉଡାଇବା ଲାଗି ଧୂଆଁ ଦେବା ଲାଗି ଫିଗ ମେଶିନ କିଣାଯାଇଛି। ମେଶିନଟି ବ୍ୟବହାର ନ ହୋଇ ପଡି ପଡି ଖତ ହେଉଥିବା ବେଳେ ଲୋକମାନେ ମଶା ଉପଦ୍ରବରେ ଶୋଇ ପାରୁନାହାନ୍ତି। ମଶା ଧୂଆଁ ଦେବା ସମ୍ପର୍କରେ କାଉନ୍‌ସିଲ ଓ ପୌରପାଳିକା ସ୍ୱାସ୍ଥ୍ୟ କମିଟି ନିଷ୍ପତ୍ତି ନେଇଥାଏ। କିନ୍ତୁ ମଶା ଧୂଆଁ ଦେବା କଥା କାହାର ବି ମନେ ପଡୁନି। ଅନ୍ୟପକ୍ଷରେ ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ହୋଇ ପାରୁ ନ ଥିବାରୁ ଏହା ଚାଲି ପାରୁ ନ ଥିବା କୁହାଯାଉଛି। ମଶା ପ୍ରାଦୁର୍ଭାବ ଯୋଗୁ ସହରର ଲୋକମାନେ ଡେଙ୍ଗୁ, ମ୍ୟାଲେରିଆ, ବାତଜ୍ୱର ଆଦିରେ ଆକ୍ରାନ୍ତ ହେଉଛନ୍ତି। ମୁଖ୍ୟତଃ ରାସ୍ତାପାର୍ଶ୍ୱରେ ପଡି ରହୁଥିବା ପଇଡ, ଅବ୍ୟବହୃତ ଟାୟାର, ମନ୍ଦିର ଅଞ୍ଚଳରେ ପଡୁଥିବା ଖାଲି କୁଲ୍ହଡ଼ ଆଦି ରହୁଥିବା ପାଣିରେ ଏଡିଶ ମଶା ଜନ୍ମ ନେଇଥାଏ। ମାଈ ଏଡିଶ ମଶା କାମୁଡିଲେ ଡେଙ୍ଗୁ ଜ୍ୱର ହୋଇଥାଏ। ଖୋର୍ଦ୍ଧା ସହର ଦେଇ ଜାତୀୟ ରାଜପଥ ୧୬ ନଂ. ଓ ୫୭ ନଂ. ଯାଇଛି । ଜାତୀୟ ରାଜପଥ ପାର୍ଶ୍ୱରେ ବହୁ ଟାୟାର ମରାମତି ଦୋକାନ ରହିଛି। ଏହି ଦୋକାନଗୁଡିକରେ ବାହାରେ ଜମା ହୋଇ ରହୁଥିବା ଟାୟାରଗୁଡିକରେ ପାଣି ରହିବା ଫଳରେ ଏଡିଶ୍ ମଶା ଘର କରିବାର ଆଶଙ୍କା ରହିଛି। ରାସ୍ତାକଡରେ ଜମା ହୋଇ ଥିବା କୁଢକୁଢ ମଇଳା, ଆବର୍ଜନାକୁ ଦେଖିଲେ ଖୋର୍ଦ୍ଧାର ସଫେଇ ଓ ପରିମଳ ବ୍ୟବସ୍ଥା ଜଳ ଜଳ ହୋଇ ଜଣାପଡୁଛି। ସହରରୁ ବାହାରୁ ଥିବା ଅଳିଆ ଓ ଆବର୍ଜନାକୁ ପକାଇବା ଲାଗି ପୌରପାଳିକାର ଡମ୍ପିୟାର୍ଡ ନାହିଁ। ସହରର ଏଣେ ତେଣେ ଆବର୍ଜନାଗୁଡିକୁ ଫୋପଡା ଯାଉଥିବାରୁ ସହର ପ୍ରଦୂଷିତ ହେଉଛି। ପଲିଥିନ ବ୍ୟାନ ହୋଇଥିଲେ ମଧ୍ୟ ପ୍ରଦୂଷଣ ମଧ୍ୟ ବଢିବାରେ ଲାଗିଛି। ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ପ୍ରତିରୋଧ ସଚେତନତା ପକ୍ଷ ପାଳନ କରାଯାଉଥିବା ବେଳେ ଖୋର୍ଦ୍ଧା ସହରରେ ଏହା ପ୍ରହସନରେ ପରିଣତ ହୋଇଛି।



ରାଖୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

## ରାଖୀ ସେଲ୍ଫି କଣ୍ଟେଷ୍ଟ :ସୁନିତା ପ୍ରଥମ

ଖୋର୍ଦ୍ଧା ଅଫିସ, ୨୬।୮:

ପ୍ରାଣନାଥ ଷ୍ଟୁଡେଣ୍ଟ ଆସୋସିଏଶନ ଛାତ୍ର ସଙ୍ଗଠନ ପକ୍ଷରୁ ଚଳିତବର୍ଷ ରାଖୀ ସେଲ୍ଫିକଣ୍ଟେଷ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୁନିତା ବେହେରା ପ୍ରଥମ, ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାର ଛାତ୍ରୀ ବନ୍ଦିତା ସାଉଁଆ, ଯୁକ୍ତ ୩ ପ୍ରଥମ ବର୍ଷ ବାଣିଜ୍ୟ ଲିପା ଆଚାର୍ଯ୍ୟ ତୃତୀୟ ସ୍ଥାନରେ ରହି ପୁରସ୍କାର ହାତେଇ ଥିଲେ। ମୁଖ୍ୟଅତିଥି ଭାବେ ଛାତ୍ର ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ରାଧା ମୋହନ ମହାପାତ୍ର ଓ ଅତିଥି ରୂପେ ସ୍ୱେଚ୍ଛାସେବୀ ଦିଲୀପ ପରିଡା, ଛାତ୍ରନେତା ଅବିନାଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ। ଶୁଭମ୍ ଶିବାଶିଷ ପଟ୍ଟନାୟକ, ପ୍ରିୟରଞ୍ଜନ ମହାନ୍ତି, ଦିବ୍ୟ ରଞ୍ଜନ ଦଳାଇ, ଦୀନବନ୍ଧୁ ବଳିଆରସିଂହ ପ୍ରମୁଖ ପରିଚାଳନା କରିଥିଲେ।

## ରାସ୍ତା କଡ଼ ଡ୍ରେନରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବେଗୁନିଆ,୨୬।୮(ଡି.ଏନ.ଏ.):

ବେଗୁନିଆ ଥାନା କୋଦବେରେଣି ଟିକଦାଳ ରାସ୍ତା କଡ ଡ୍ରେନ୍ ପାଣିରୁ ସୋମବାର ଜଣେ ଯୁବକଙ୍କ ମୃତଦେହକୁ ଧଳାପଥର ଫାଣ୍ଡି ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଗୌଡ ନୂଆଗାଁ ଆଦିବାସୀସାହିର ସୁଶାନ୍ତ ସ୍ୱାଇଁ(୨୭)। ପୋଲିସ ସୂଚନା ମୁତାବକ ସୁଶାନ୍ତ ଏବଂ ତାଙ୍କର ଜଣେ ସାଙ୍ଗକୁ ଏକ ବାଇକ୍ ଯୋଗେ ବସାଇ ନିକଟସ୍ଥ କଳାପଥର ବଜାରକୁ କୌଣସି କାମରେ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରୁ ଘରୁ ବାହାରି ଯାଇଥିଲେ। ମାତ୍ର ଫେରିବାର ବିଳମ୍ବ ହେବାର ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ମାଣିବନ୍ଧ ଗ୍ରାମ ନିକଟସ୍ଥ ଏକ ବଗିଚା କଡରେ ଥିବା ଡ୍ରେନ ପାଣିରେ ସୁଶାନ୍ତ ପଡିଥିବାର ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ବାଇକ୍ ଜବତ କରିଛି। ମାତ୍ର ଅନ୍ୟ ସାଙ୍ଗ ଜଣକ କେଉଁ ଆଡେ ପଳାଇ ଯାଇଥିବାର ପୋଲିସ କହିଛି। ରାତି ହୋଇ ଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଖବର ଲେଖା ଗଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

■ ଗଛଟିଏ, ସାଥୀଟିଏ କାର୍ଯ୍ୟକ୍ରମ

## 'ଗଛଟିଏ ଲଗାଇ ଏହାର ଯତ୍ନ ନେବା ଆବଶ୍ୟକ'



ଗଛର ଯତ୍ନ ଲାଗି ବାହାରିଥିବା ଶୋଭାଯାତ୍ରା ।

ନିରାକାରପୁର,୨୬।୮(ଡି.ଏନ.ଏ.)– ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର 'ଗଛଟିଏ, ସାଥୀଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ସଭାରେ ପୌରୋହିତ୍ୟ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ଇଂ ବିଶ୍ୱମୋହନ ପଟ୍ଟନାୟକ ଯୋଗଦେଇ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ବୋଲି କହିଥିଲେ। ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ଏହାର ଯତ୍ନ ନେବାକୁ ଅତିଥିମାନେ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରାଣୀ ବାହିନୀପତି, ବିନୋଦ ବିହାରୀ ସେଠୀ, ଅଶୋକ କୁମାର ସେଠୀ, ଲଲାଟ କୁମାର ସାହୁ, ସଞ୍ଜୟ କୁମାର ସେଠୀ, ଜିତେନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିବାବେଳେ ଗୁରୁଜୀ ନିହାର ରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ।

## କୀଟନାଶକ ବ୍ୟବହାର ପ୍ରଶିକ୍ଷଣ ଶିବିର




ଶିବିରରେ ଉପସ୍ଥିତ ଅତିଥିମାନେ ।

ଖୋର୍ଦ୍ଧା ଅଫିସ, ୨୬।୮: ଉପକୃଷି ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ସମ୍ମିଳନୀ କକ୍ଷରେ କୀଟନାଶକ ଔଷଧର ନିରାପଦ ବ୍ୟବହାର ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏହାକୁ ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା, ବୋଲଗଡ, ବେଗୁନିଆ ବ୍ଲକର ୫୦ ଜଣ ଅଗ୍ରଣୀ କୃଷକ ଓ କୃଷକ ସାଥୀ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ନାରାୟଣ ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଧାନଚାଷକୁ ରୋଗ ପୋକ ଦାଉରୁ କିପରି ମୁକ୍ତ କରାଯିବ, କୀଟନାଶକ ସିଞ୍ଚନ ଉପରେ କୀଟତତ୍ତ୍ୱବିତ୍ ସୁନୀଲ ଜେନା ଓ ତୁଷାରକାନ୍ତି ତୁଙ୍ଗ ପ୍ରଶିକ୍ଷଣ ଦେଇଥିଲେ। ଖୋର୍ଦ୍ଧା ବ୍ଲକ ସହକାରୀ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଓ ଶ୍ରାବଣୀ ମହାପାତ୍ର ପରିଚାଳନା କରିଥିଲେ।

## ଭତ୍ତା ନ ପାଇ ଦୁର୍ଦ୍ଦିନରେ ବିତୁଛି କଳାକାରଙ୍କ ଜୀବନ

ଚିଲିକା,୨୬।୮(ଡି.ଏନ.ଏ.)

ଦୁଃସ୍ଥ କଳାକାରମାନଙ୍କୁ ପରିଣତ ବୟସରେ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବା ବେଳେ ସଂସ୍କୃତି ବିଭାଗ ସେମାନଙ୍କ ଥଇଥାନ ଓ ଭରଣପୋଷଣ ପାଇଁ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି । ଚିଲିକା ନିର୍ବାଚନ ମଣ୍ଡଳୀ ଗମ୍ଭାରିମୁଣ୍ଡା ନିକଟ ଓଡ଼ଗାଁ ଗ୍ରାମର ମଞ୍ଚ କଳାକାର ସତ୍ୟବାଦୀ ପ୍ରଧାନ ଗତ ୧୫ ମାସ ହେଲା କେନ୍ଦ୍ରୀୟ କଳାକାର ଭତ୍ତା ନ ପାଇ ଅତ୍ୟନ୍ତ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି । ଆଜୀବନ ମଞ୍ଚ ଅଭିନୟ ପାଇଁ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କଳାକାର ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ରାଜ୍ୟ ସରକାରଙ୍କ ମାସିକ ୧୨ଶହ ଟଙ୍କା ଏବଂ କେନ୍ଦ୍ର ସଂସ୍କୃତି ବିଭାଗଠାରୁ ମାସିକ ୩ ହଜାର ୫ଶହ ଟଙ୍କା ଭତ୍ତା ସେ ଜୁନ୍ ୨୦୧୮ଠାରୁ ନ ପାଇ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ସେ ଶିକାରୀ, ତୋଫାନ, ବିଚାର, ଭାଇଭାଉଜ ଆଦି ନାଟକରେ ଅଭିନୟ କରି ବେଶ୍ ପ୍ରଶଂସା ଅର୍ଜନ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ କିଛିମାସ ବ୍ୟବଧାନରେ ଭତ୍ତା ପାଉଥିଲେ ମଧ ଗତ କିଛି ମାସ ହେଲା ଭତ୍ତାରୁ ବଞ୍ଚିତ ହୋଇ ଦୁଃସ୍ଥ ଓ ହତାଶ ଜୀବନ ବିତାଉଛନ୍ତି। ପ୍ରଧାନ ଏ ସମସ୍ୟା ନେଇ ଏମ୍‌ପି ପିନାକୀ ମିଶ୍ରଙ୍କୁ ଜଣାଇ କୌଣସି ସୁଫଳ ନ ପାଇବାରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ସତ୍ୟବାଦୀଙ୍କ ସମେତ ଅଞ୍ଚଳର ବହୁ କଳାକାର ମାସିକ ଭତ୍ତା ନ ପାଇ ବହୁ ସମସ୍ୟା ମଧ୍ୟରେ ବାର୍ଦ୍ଧକ୍ୟ ଅବସ୍ଥା ବିତାଉଛନ୍ତି। ଦୀର୍ଘ ଦେଢ଼ବର୍ଷ ମଧ୍ୟରେ ବହୁ କଳାକାର ବାରମ୍ବାର ଲାଇଫ୍ ସାର୍ଟିଫିକେଟ୍ ଦେଇ ଆସୁଛନ୍ତି । ଇତି ମଧ୍ୟରେ କେତେକ ଭତ୍ତାଧାରୀ ମରିହଜିଗଲେଣି। ତେଣୁ ଅକାଳରେ ଝଡ଼ି ଯାଉଥିବା ବୃଦ୍ଧ, ଦୁଃସ୍ଥ କଳାକାରମାନଙ୍କ ପାଇଁ କେନ୍ଦ୍ରୀୟ କଳାକାର ଭତ୍ତା ଏକ ଭେଳିକି ବୋଲି ବହୁ କଳାକାର ଅଭିଯୋଗ କରିଛନ୍ତି । ତେଣୁ ଏମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଦର ଥାନା ଆଇଆଇସି ବଦଳିଲେ

ଖୋର୍ଦ୍ଧା ଅଫିସ, ୨୬।୮

ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ ଜେନାଙ୍କୁ ଏସ୍‌ଟିଏଫ୍ ନୋଟିସ୍ ମହଙ୍ଗା ପଡିଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ମେରି ଟାରିୟସ ପଦକ ହରାଇଥିବାବେଳେ ଏବେ ସଦର ଥାନାରୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ଏଠାରେ ସ୍ଥାୟୀ ଆଇଆଇସି ନିଯୋଜିତ ନ ହେବା ପର୍ଯ୍ୟନ୍ତ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମା ପ୍ରସାଦ ସିଂ ଅତିରିକ୍ତ ଦାୟିତ୍ୱ ବୁଝିବେ।

## ଅଙ୍ଗନୱାଡିରୁ ଚୋରି

ଯାଁଳା,୨୬।୮(ଡି.ଏନ.ଏ.)

ଜଟଣୀ ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡ଼ା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର-୧ରୁ ଖାଦ୍ୟ ପ୍ରସ୍ତୁତ ସାମଗ୍ରୀ, ଚାଉଳ, ଅଣ୍ଡା ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏ ନେଇ ଯାଁଳା ଫାଣ୍ଡିରେ ଅଭିଯୋଗ ହୋଇଛି। ସମସ୍ତ କାର୍ଯ୍ୟ ଶେଷ କରି ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀ ଶନିବାର ମଧ୍ୟାହ୍ନରେ କେନ୍ଦ୍ର ଗେଟ ତାଲା ପକାଇ ଆସିଥିଲେ। ହେଲେ ସୋମବାର ସକାଳେ କେନ୍ଦ୍ର ଖୋଲିବାକୁ ଗଲାବେଳେ ଗେଟର ତାଲା ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହା ମଧ୍ୟରେ ଥିବା କଡ଼େଇ, ଡେକ୍ଚି, ବାଲ୍‌ଟି, ୨୫ କେଜି ଚାଉଳ, ୧୫୦ଟି ଅଣ୍ଡା ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡିଥିଲା।

## ୪ ଶିଶୁ ଶ୍ରମିକ ଉଦ୍ଧାର

ଟାଙ୍ଗୀ(ଖୋର୍ଦ୍ଧା), ୨୬।୮(ଡି.ଏନ.ଏ.)

ଟାଙ୍ଗୀ ଥାନାର ବିଭିନ୍ନ ମୋଟର ଗ୍ୟାରେଜରେ କାମ କରୁଥିବା ୪ ଜଣ ଶିଶୁ ଶ୍ରମିକଙ୍କୁ ସୋମବାର ଉଦ୍ଧାର କରାଯାଇଛି । ଚଣ୍ଡେଶ୍ୱର, କାଲୁପଡା ଘାଟ ଓ ଟାଙ୍ଗୀର ବିଭିନ୍ନ ଗ୍ୟାରେଜରେ ଏହି ଶିଶୁ ଶ୍ରମିକମାନେ କାମ କରୁଥିଲେ। ତେବେ ଖୋର୍ଦ୍ଧା ଚାଇଲ୍ଡ ଲାଇନ କର୍ମକର୍ତ୍ତା ଏମାନଙ୍କୁ ଉଦ୍ଧାର କରିଥିଲେ ।

■ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମହିଳାଙ୍କ ଥାନା ଘେରାଉ



ମହିଳାଙ୍କ ଦ୍ୱାରା ଥାନା ଘେରାଉ କରାଯାଇଛି ।

ଟାଙ୍ଗୀ(ଖୋର୍ଦ୍ଧା),୨୬।୮(ଡି.ଏନ.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ଶତାଧିକ ମହିଳା ସୋମବାର ଟାଙ୍ଗୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ୧୭ ତାରିଖରେ ଏହି ଘଟଣା ଘଟିଛି ଓ ଅଭିଯୁକ୍ତ ଫେରାର୍ ଅଛନ୍ତି। ଦିବ୍ୟାଙ୍ଗଙ୍କ ମାତାପିତାଙ୍କ ଉପରେ ଚାପ ପକାଇ ଏହାର ସମାଧାନ ନିମନ୍ତେ ଉଦ୍ୟମ ହେଉଥିବା, ଏପରିକି ଘଟଣାକୁ ପ୍ରଘଟ କଲେ ତାଙ୍କ ପରିବାରକୁ ଜୀବନରେ ମାରିଦେବାର ଧମକ ଦିଆଯାଉଥିବା ପୀଡ଼ିତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଘଟଣା ପରେ ନାବାଳିକାଙ୍କ ମା ଟାଙ୍ଗୀ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଅଭିଯୁକ୍ତ ଏବେ ଫେରାର୍ ଅଛନ୍ତି ଏବଂ ତାଙ୍କୁ ନିଶ୍ଚିତ ଭାବେ ଗିରଫ କରାଯିବ ବୋଲି କହିଥିଲେ। ଧାରଣାସ୍ଥଳରେ ପୋଲିସ ଅଧିକାରୀ ପହଞ୍ଚି ୭ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

■ ମାନସିକ ରୋଗୀ ସମ୍ବନ୍ଧୀୟ ସଚେତନତା ଶିବିର

## ଗଣମାଧ୍ୟମ ପ୍ରତିନିଧିଙ୍କୁ କରାଗଲା ସଚେତନ

ଖୋର୍ଦ୍ଧା ଅଫିସ, ୨୬।୮: ଜଣେ ମାନସିକ ରୋଗୀ କିପରି ଚିକିତ୍ସା ଦ୍ୱାରା ସୁସ୍ଥ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ ସେ ସମ୍ପର୍କରେ ଏକ ସଚେତନତା ଶିବିର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଏଡ଼ିଏମ୍‌ଓ (ମେଡ଼ିକାଲ) ଡାକ୍ତର ରଘୁନାଥ ନାୟକ ଉଦ୍‌ଘାଟନ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗୀ ବିଶେଷଜ୍ଞ ଡାକ୍ତର ଆଲୋକ ଜ୍ୟୋତି ସାହୁ ରୋଗୀ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସଚେତନତାର ବାର୍ତ୍ତା ବଣ୍ଟନ କରାଯାଇଛି। ମାନସିକ ବିକାରଗ୍ରସ୍ତ ରୋଗୀମାନଙ୍କ ମଧ୍ୟରେ ଆମେରିକା ପ୍ରଥମ ସ୍ଥାନରେ ଓ ଭାରତ ଷଷ୍ଠ ସ୍ଥାନରେ ରହିଛି। ସାଧାରଣତଃ ଗଞ୍ଜେଇ, ବ୍ରାଉନସୁଗାର, ମଦକଦ୍ରବ୍ୟ ସେବନ ପରି ନିଶା ସେବନ ବ୍ୟକ୍ତି ବିଶେଷ ମାନସିକ ଭାରସାମ୍ୟ ହରାଇଥାନ୍ତି। ପୁଣି ପରିବାରରେ ଅଶାନ୍ତି ଯୋଗୁ ବହୁ ବ୍ୟକ୍ତି ମାନସିକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ୧୮ରୁ ୨୯ ବର୍ଷର ଯୁବପିଢି ବିଭିନ୍ନ କାରଣରୁ ମାନସିକ ରୋଗୀ ପାଲଟିଥାନ୍ତି। ଛୋଟ ଛୁଆ ବି ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ବୟସ ଅନୁସାରେ, ସେମାନଙ୍କର ବୁଦ୍ଧି ବିକଶିତ ହୋଇ ନ ଥାଏ। ମାନସିକ ରୋଗ ହେଲେ ବ୍ୟକ୍ତିତ୍ୱର ପରିବର୍ତ୍ତନ ଆସିଥାଏ। ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସମାଜରେ ଥିବା ମାନସିକ ରୋଗୀମାନଙ୍କୁ ଚିହ୍ନଟ କରାଯାଇ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ବିଭିନ୍ନ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରୋଗୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସା କରାଇବାକୁ ଏଡିଏମ୍‌ଓ ମାନସିକ ରୋଗୀ ବିଶେଷଜ୍ଞ ଅନୁରୋଧ କରିଥିଲେ।

■ ସର୍ବଭାରତୀୟ କରାଟେ ପ୍ରତିଯୋଗିତା

## ଖୋର୍ଦ୍ଧା ପାଇଲା ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୫ କାଂସ୍ୟ ପଦକ

ଖୋର୍ଦ୍ଧା ଅଫିସ, ୨୬।୮:

ମୋନାଲି ପାଇଲେ ୪ ଟି ପଦକ




ଅତିଥିଙ୍କ ଗହଣରେ ପୁରସ୍କୃତ ଖେଳାଳିମାନେ ।

ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ମଞ୍ଚେଶ୍ୱରସ୍ଥିତ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଗତ ୨୩ ତାରିଖଠାରୁ ଚାଲୁ ରହିଥିବା ୧୦ ମ ସର୍ବ ଭାରତୀୟ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମଧ୍ୟପ୍ରଦେଶ, ଛତିଶଗଡ, ହରିୟାଣା, ଗୁଜରାଟ ଓ ଓଡ଼ିଶା ରାଜ୍ୟର ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ତେବେ ଖୋର୍ଦ୍ଧା ଅପ ଏ ଉଇନ୍ ସ୍କୁଲ ବାଜି ମାରିଛି। ଏହାର ୨୭ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ୧୯ ଜଣ ପ୍ରତିଯୋଗୀଙ୍କୁ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୫ କାଂସ୍ୟ ପଦକ ପାଇ ଖୋର୍ଦ୍ଧା ଜିଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି। ଏହି ସ୍କୁଲର ତଥା ଖୋର୍ଦ୍ଧା ସହର ଜେମାଦେଈର ମୋନାଲି ମହାପାତ୍ର ସିନିୟର ମହିଳା କରାଟେରେ ରୌପ୍ୟ, ୨୧ ବର୍ଷରୁ କମ ମହିଳା କରାଟେ ଓ ଫାଇଟ୍‌ରେ ୨ଟି ରୌପ୍ୟ ସିନିୟର ମହିଳା ଫାଇଟ ବର୍ଗରେ କାଂସ୍ୟ ପରି ୪ ପଦକ ପାଇ ଖୋର୍ଦ୍ଧା ଜିଲା ପାଇଁ ଟେକ ରଖି ପାରିଛନ୍ତି। ସେହିପରି ଅଂଶିତା ସାହୁ ୧ ସ୍ୱର୍ଣ୍ଣ, ରଞ୍ଜିତ ଭୂୟାଁ ୨ଟି ସ୍ୱର୍ଣ୍ଣ, ଅଶୋକ ପରିଡା ୧ ସ୍ୱର୍ଣ୍ଣ, ଅଂଶୁ ଅନୁମେଶ ମିଶ୍ର ୧ ସ୍ୱର୍ଣ୍ଣ ଓ ୧ କାଂସ୍ୟ, ସୁସ୍ମିତା ବିଶ୍ୱାଳ ୧ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ ପାଇଛନ୍ତି। ସେହିଭଳି ରିଶିତା ସାହୁ ୧ ରୌପ୍ୟ ଓ ୧ କାଂସ୍ୟ, ଶ୍ୱେତାଲିନା ସାହୁ ୧ ରୌପ୍ୟ ଓ ୧ କାଂସ୍ୟ, ଦେବୀ ପ୍ରସାଦ ଦାସ ୧ ରୌପ୍ୟ, ସାଇରାଜ ବେହେରା ୧ ରୌପ୍ୟ ଓ ୧ କାଂସ୍ୟ, ପ୍ରତିଶ୍ରୁତି ପରିଡା ରୌପ୍ୟ ଓ ୧ କାଂସ୍ୟ, ଆଦିତ୍ୟ ନନ୍ଦ ୧ ରୌପ୍ୟ ପଦକ ଅନୁରୂପ ଭାବେ ପାଇଛନ୍ତି। ଅନ୍ୟପକ୍ଷେ ଦିବ୍ୟଜ୍ୟୋତି ପଟ୍ଟନାୟକ, ସୌମ୍ୟ ରଞ୍ଜନ ପ୍ରଧାନ, ବି. ଭିସାଲ, ଅଦିତି ମହାନ୍ତି, ବିଶାଳ ଦେବ ପାଇକରାୟ, ବୈଭବ ଦେବ ପାଇକରାୟ, ଦିପ୍‌ସା ଦେବାଂଶୀ ପ୍ରଧାନ ପ୍ରମୁଖ ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ
ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ୧୫୦ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ



କଣାସ,୨୬।୮(ସ୍ୱ.ପ୍ର.): ପୁରୀ ଜିଲା କଣାସ ବ୍ଲକର ୩୦ଟି ଗ୍ରାମପଞ୍ଚାୟତର ୧୫୦ଜଣଙ୍କୁ ସୋମବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ପ୍ରାଥମିକ ଶିକ୍ଷକମାନଙ୍କ ସଭାଗୃହରେ ପଞ୍ଚାୟତ ସମିତି ଅଧକ୍ଷ ରମେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଏକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବାଦୀ ବିଧାୟକ ସାମନ୍ତରାୟଙ୍କ ସମେତ ବିଡିଓ ପ୍ରତିଭା ସାହୁ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍‌ରମ୍, ଜିଲା ପରିଷଦ ସଭ୍ୟ ନୀଳମଣୀ ସେଠୀ, ବକୁ ସରପଞ୍ଚ ସୁରେଶ କୁମାର ସାହୁ, ସିରେଇ ସରପଞ୍ଚ ରାଜକିଶୋର ସାମନ୍ତରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ବିଧାୟକ ସାମନ୍ତରାୟ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୫୦ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସଗୃହ ବଣ୍ଟନ କରିଥିଲେ। ପ୍ରକାଶ ଥାଉ କି କଣାସ ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତର ୮୯୫ ପ୍ରଧାନମନ୍ତ୍ରୀ ଆବସଗୃହ କାର୍ଯ୍ୟାଦେଶ ବଣ୍ଟନ ହେବାରେ ରହିଛି। ଅବଶିଷ୍ଟ କାର୍ଯ୍ୟଦେଶଗୁଡିକ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ମେଳା କରାଯାଇ ବଣ୍ଟନ କରାଯିବାର ଯୋଜନା ରହିଛି।

### ସିପିଆଇ ନେତା କମଳ ବେହେରାଙ୍କ ବିୟୋଗରେ ସଭା

କୋଣାର୍କ,୨୬।୮(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନସ୍ଥ ମହଲପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ କାକଟପୁର ନିର୍ବାଚନମଣ୍ଡଳୀର ସିପିଆଇ ବିଧାୟକ ପ୍ରାର୍ଥୀ କମଳ ବେହେରାଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ମହଲପଡା ସରପଞ୍ଚ ଇଂ ରାଜଶ୍ରୀ ପରିଡା, ଭୋବନି ବିଶ୍ୱାଳ, ବଦ୍ରିନାରାୟଣ ଦାସ, ବିଦ୍ୟାଧର ପରିଡା, ଭାବଗ୍ରାହୀ ମାଝୀ, ବୁଟୁ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହାସହ ସ୍ୱର୍ଗତ ବେହେରା ଜଣେ ସରଳ ଓ ପରୋପକାରୀ ଯୁବନେତା ଭାବରେ ଜନମାନସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କର ଅକାଳ ବିୟୋଗ ସିପିଆଇ କାକଟପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଦୁଇ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରଣକୁ ଓକିଲ ସଂଘର ବିରୋଧ

# ପ୍ରତିବାଦରେ ୨ଦିନ କୋର୍ଟ ବର୍ଜନ ନିଷ୍ପତ୍ତି

ପୁରୀ ଅଫିସ, ୨୬।୮: ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ପୁରୀ ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସୋମବାର ଏହାର ପ୍ରତିବାଦରେ ଓକିଲ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଏହି ନିଷ୍ପତ୍ତିର ପୁନଃ ବିଚାର କରନ୍ତୁ ବୋଲି ବହୁ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଲୋକେ ହଇରାଣ ହେବେ। ବହୁ ଦୂରରୁ କୌଣସି କାମରେ ଆସୁଥିବା ଗରିବ, ଖଟିଖିଆ ଲୋକ ଅଧିକ ଖର୍ଚ୍ଚାନ୍ତ ହେବେ। ଅନ୍ୟପଟେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବ। ସୁରକ୍ଷା ନେଇ ମଧ୍ୟ ବଡ଼ ପ୍ରଶ୍ନବାଚୀ ରହିଛି ବୋଲି ବହୁ ଓକିଲ ନିଜ ମତ ଉପସ୍ଥାପନ କରିଥିଲେ। ସଂଘ ନିଷ୍ପତ୍ତିକ୍ରମେ ଆସନ୍ତା ୨୭ ଓ ୨୮ କୋର୍ଟ ବର୍ଜନ କରାଯିବ। ଜିଲାପାଳ, ତହସିଲ ଏବଂ ଉପଜିଲାପାଳଙ୍କ କୋର୍ଟ କାର୍ଯ୍ୟରେ ଓକିଲମାନେ ଯୋଗଦାନ କରିବେ ନାହିଁ ବୋଲି ସଂଘ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି। ସରକାର ତୁରନ୍ତ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିଲେ, ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ପ୍ରକାଶ ଯେ, ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀ ସହରର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୬୫ କୋଟି ଅର୍ଥ ମଞ୍ଜୁର କରିଛନ୍ତି। ପ୍ରାୟ ୧୦ ଏକର ଜମିରେ ଲୋକସଭା ଭବନ ନିର୍ମାଣ ପ୍ରସ୍ତାବ ରହିଛି। ପ୍ରସ୍ତାବିତ ଲୋକସଭା ଭବନରେ ଜିଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିବ। ପ୍ରସ୍ତାବିତ ଲୋକସଭା ଭବନ ବଳିଆପଣ୍ଡା କିମ୍ବା ଶିପସରୁବାଲି ମୌଜାରେ ନିର୍ମାଣ ସମ୍ଭାବନା ରହିଛି। ଗୋଟିଏ କୋଠା ତଳେ ସବୁ କାର୍ଯ୍ୟାଳୟ ଓ ଅଫିସ ରହିଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି ସରକାର ଆଶା କରିଛନ୍ତି। ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଉପସଭାପତି ଦେବେନ୍ଦ୍ରନାଥ ମିଶ୍ର, ଯୁଗ୍ମ ସମ୍ପାଦକ ସଂଗ୍ରାମ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପାଣିଗ୍ରାହୀ, ଅନୁପ ପୃଷ୍ଟି, ଅସୀମ ବାନାର୍ଜୀ, ଚିତ୍ତରଞ୍ଜନ ବିଶ୍ୱାଳ, ରତିକାନ୍ତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବାର୍ ଆସୋସିଏଶନରେ ଅନୁଷ୍ଠିତ ସାଧାରଣ ବୈଠକ।

## ୩ ବର୍ଷରେ ପୁରୀରେ ୧୦ ଏନ୍‌କାଉଣ୍ଟର

ପୁରୀ ଅଫିସ, ୨୬।୮: ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କେତେକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀଙ୍କୁ ଏନ୍‌କାଉଣ୍ଟର ମଧ୍ୟ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ପୁରୀ ପୋଲିସ ଗତ ୩ ବର୍ଷ ମଧ୍ୟରେ ୯ଟି ଏନ୍‌କାଉଣ୍ଟର କରିଥିବାବେଳେ ଶନିବାର ରାତିରେ ୧୦ମ ଏନ୍‌କାଉଣ୍ଟର କରିଛି। ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ଦିବାନା ବେହେରା ଆହତ ହୋଇଛନ୍ତି। ବାସେଳିସାହି ଥାନା ଅଞ୍ଚଳରେ ଏକ ଡକାୟତି ମାମଲାରେ ସେ ଫେରାର ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୨୫ଟି ମାମଲା ରହିଛି।

**୨୦୧୭ରେ ସର୍ବାଧିକ ୬ ଏନ୍‌କାଉଣ୍ଟର:** ଏହି ବର୍ଷ ଏପ୍ରିଲ ୧୪ରେ ଘଟିଥିଲା ପ୍ରଥମ ଏନ୍‌କାଉଣ୍ଟର। ଡେଲାଙ୍ଗରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ପୋଲିସ ଗୁଳିରେ ଅପରାଧୀ ଗୋରା ଓରଫ ସୂର୍ଯ୍ୟକାନ୍ତ ମଲ୍ଲିକ ଆହତ ହୋଇଥିଲେ। ସଦର ଥାନା ଅଧୀନ ଗୋପୀନାଥପୁର ଗୁଳିମାଡ଼ ଓ ଅଠରନଳା ବୋମାମାଡ଼ ଘଟଣାରେ ଗୋରାଙ୍କର ସମ୍ପୃକ୍ତି ରହିଥିଲା। ଏପ୍ରିଲ ୨୧ରେ ଗୋପ ନିକଟରେ ଦ୍ୱିତୀୟ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ଅପରାଧୀ ରବି ପ୍ରଧାନ ଓରଫ ଅବ ଆହତ ହୋଇଥିଲେ। ଏପ୍ରିଲ ୧୧ରେ ତାଳବଣିଆ ଥାନା ଅଧୀନ ବାଲିଘାଟର ଭାଗୁ ପ୍ରଧାନଙ୍କୁ ଗୁଳିମାଡ଼ ଘଟଣାରେ ସେ ଅଭିଯୁକ୍ତ ଥିଲେ। ମେ ୧୩ରେ ତୃତୀୟ ଏନ୍‌କାଉଣ୍ଟର ବୀରହରେକୃଷ୍ଣପୁର-ମଙ୍ଗଳାହାଟ ବାଇପାସ୍ ନିକଟରେ ଶଶୀ ନାୟକଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ୨୦୧୩ରେ ସଂଗଠିତ ପୁପୁନି ଓରଫ ବିକ୍ରମ ସାହୁ ହତ୍ୟାକାଣ୍ଡ ଘଟଣା ଏବଂ ପୌରସଦନ ଛକରେ ଘଟିଥିବା ରଞ୍ଜନ ସେଠୀ ଆକ୍ରମଣ ଘଟଣାରେ ଶଶୀ ମୁଖ୍ୟ ଅଭିଯୁକ୍ତ ଥିଲେ। ଜୁଲାଇ ୧୧ରେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ର ଛଇତନା ଛକରେ ବିଳମ୍ବିତ ରାତିରେ ହୋଇଥିବା ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ କାଳିଆ ସୁବୁଦ୍ଧି ଆହତ ହୋଇଥିଲେ। ଜୁଲାଇ ୯ ରାତିରେ ବଡ଼ଦାଣ୍ଡରେ ବିଶାଲ ଗାର୍‌ମେଣ୍ଟ ଏବଂ ମାଉସୀ ମା' ଛକ ନିକଟରେ ଦୁଇଟି ସିରିଜ ବୋମାମାଡ଼ ଘଟଣାରେ କାଳିଆଙ୍କର ସମ୍ପୃକ୍ତି ଥିଲା। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ ଥାନା ଅଧୀନ ବୀରଗୋବିନ୍ଦପୁର ଦକ୍ଷିଣକାଳୀ ଛକରେ ପୋଲିସ ଗୁଳିରେ ଅପରାଧୀ ସଞ୍ଜୟ ବେହେରା ଓରଫ ପାରା ଗୁରୁତର ଆହତ ହୋଇଥିଲେ। ତାଳବଣିଆ ଥାନା ଅଧୀନ ବାଲିଘାଟ ଛକରେ ଭାଗୁ ପ୍ରଧାନ ଗୁଳିମାଡ ଏବଂ ସମୁଦ୍ରକୂଳ ଥାନା ଅଧୀନ ହେଲିପ୍ୟାଡ୍ ନିକଟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ରହିଥିଲା। ଅକ୍ଟୋବର ୧୦ରେ ଗୋପ ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ବିଜୁ ଓରଫ ଅନନ୍ତ ବେହେରା ଆହତ ହୋଇଥିଲେ। ଅନନ୍ତଙ୍କ ନାମରେ ଲୁଟ୍, ରାହାଜାନି, ଡକାୟତି ଭଳି ସଙ୍ଗିନ ଅଭିଯୋଗ ରହିଥିଲା।

**୨୦୧୮ରେ ୨ ଏନ୍‌କାଉଣ୍ଟର:** ଜାନୁୟାରୀ ୧୮ରେ ଡବଲ ଏନ୍‌କାଉଣ୍ଟର ହୋଇଥିଲା। ବଳଙ୍ଗା କାଜିପାଟଣା ମଙ୍ଗଳପୁର ରାସ୍ତାରେ ବଳଙ୍ଗା, ପିପିଲି ଓ ଚନ୍ଦନପୁର ପୋଲିସ ମିଳିତ ଭାବେ ଏହି ଏନ୍‌କାଉଣ୍ଟର କରିଥିଲେ। ପୋଲିସ ଗୁଳିରେ ଦୁଇ ଅପରାଧୀ ସୁବାସ ପ୍ରଧାନ ଏବଂ ଅମର ସୋଲାଙ୍କି ଆହତ ହୋଇଥିଲେ। ଚନ୍ଦନପୁର ଥାନା ଅଧୀନ କାଠପୋଲ ନିକଟରେ ଗଙ୍ଗାଧର ଭୋଳଙ୍କୁ ଗୁଳିମାଡ ଘଟଣାରେ ଏହି ଦୁଇଜଣଙ୍କ ସମ୍ପୃକ୍ତି ରହିଥିବା ଚନ୍ଦନପୁର ପୋଲିସ କହିଥିଲା। ମେ ୨୫ରେ ପୋଲିସ ଗୁଳିରେ ଅପରାଧୀ ସର୍ବେଶ୍ୱର ବେହେରା ଆହତ ହୋଇଥିଲେ। ସେ ବାସେଳିସାହି ମହିଳା ସଭାନେତ୍ରୀ ସତ୍ୟଭାମା ବେହେରା ଗୁଳିମାଡ଼ ମାମଲାର ମୁଖ୍ୟ ଅଭିଯୁକ୍ତ ଥିଲେ।

**୨୦୧୯ରେ ୨ଟି ଏନ୍‌କାଉଣ୍ଟର:** ଜାନୁୟାରୀ ୧୧ରେ କୁମ୍ଭାରପଡା ଓ ପିପିଲି ପୋଲିସ ମିଳିତ ଭାବେ ପିପିଲି-ଜଟଣୀ ରୋଡ୍ ବାଇମୂଳ ଛକରେ ଏହି ଏନ୍‌କାଉଣ୍ଟର କରିଥିଲା। ଏଥିରେ ଜିତୁ ଓରଫ ଜିତେନ୍ଦ୍ର ସାହୁ ଗୁରୁତର ଆହତ ହୋଇଥିଲେ। ଗତ ୨୦୧୮ ଡିସେମ୍ବର ୨୫ ତାରିଖ ପାରା ଓରଫ ସଞ୍ଜୟ ବେହେରା ଗୁଳିକାଣ୍ଡ ଘଟଣାରେ ଜିତୁଙ୍କ ସମ୍ପୃକ୍ତି ରହିଥିଲା।

### ସପ୍ତମ ଆର୍ଥିକ ଗଣନାର ଶୁଭାରମ୍ଭ

ପୁରୀ ଅଫିସ, ୨୬।୮: ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ସପ୍ତମ ଆର୍ଥିକ ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟି ଡାଇରେକ୍ଟର ଦେବୀପ୍ରସାଦ ବେହେରା, ସହ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଭାରତ ସରକାରଙ୍କ ଜାତୀୟ ବରିଷ୍ଠ ପରିସଂଖ୍ୟାନ କାର୍ଯ୍ୟାଳୟର ସୌମେନ୍ଦ୍ର ନାୟକ, ରବିଶଙ୍କର ପଟ୍ଟନାୟକ, ସିଏସି ଇ ଗଭର୍ଣ୍ଣାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ପୁରୀ ଜିଲା ଅଧିକାରୀ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥସହ ୩୦ ଜଣ ଭିଏଲ୍‌ଇ ଉପସ୍ଥିତ ରହିଥିଲେ। ମୋବାଇଲ ଆପ୍ଲିକେଶନ ଦ୍ୱାରା କିପରି ଆର୍ଥିକ ଗଣନା କରାଯିବ ସେ ବିଷୟରେ ଅତିରିକ୍ତ ଜିଲାପାଳ ଉପରୋକ୍ତ ଅଫିସର ଏବଂ ଭିଏଲ୍‌ଇମାନଙ୍କ ସହ ଆଲୋଚନା କରିଥିଲେ।

■ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘର ବାର୍ଷିକୋତ୍ସବ

# 'ମାନବତା ହେଉଛି ଉତ୍କଳର ପରିଚୟ'




ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**୧୧ ସଂଘ, ୬ ପ୍ରତିଭା ସମ୍ମାନିତ**

ପୁରୀ ଅଫିସ, ୨୬।୮: କଳା, ସଂସ୍କୃତି, ଭାସ୍କର୍ଯ୍ୟର ସମାହାର ଉତ୍କଳ ମାଟି ହେଉଛି ବିଶ୍ୱରେ ଅଦ୍ୱିତୀୟ। ଉତ୍କଳର ଅର୍ଥ ହେଉଛି ମାନବତା। ଏହାର ସଂସ୍କୃତି ମାନବୀୟତା ପରିଚୟ ବହନ କରେ। ଉତ୍କଳୀୟ ସଂସ୍କୃତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଯାହା ଅଛି, ତାହା ଅନ୍ୟ କେଉଁଠି ନାହିଁ ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫର ଦିବସର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ। ଫଟୋଗ୍ରାଫରମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଫଟୋଗ୍ରାଫରମାନଙ୍କ ହାତରେ ଜାଦୁ ରହିଛି। ସେମାନେ ଜଣେ ମନୁଷ୍ୟର ଫଟୋକୁ ଜୀବନ୍ତ କରିଦିଅନ୍ତି। ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସିଥିବା ପର୍ଯ୍ୟଟକଙ୍କ ସେହି ମୁହୂର୍ତ୍ତକୁ କ୍ୟାମେରା ଲେନ୍ସରେ ଜୀବନ୍ତ କରିଦିଅନ୍ତି। ପୁରୀ ବେଳାଭୂମିର ଫଟୋଗ୍ରାଫରଙ୍କୁ ବାଦ୍‌ଶାହ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଲେ ଯେ, ପୁରୀ ଓ କୋଣାର୍କରେ କାର୍ଯ୍ୟରତ ୮୦୦ ଫଟୋଗ୍ରାଫରଙ୍କୁ ଚିହ୍ନଟ କରାଯାଇଛି। ସମସ୍ତ ଫଟୋଗ୍ରାଫରଙ୍କୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଲେ ଯେ, ପର୍ଯ୍ୟଟନର ବିକାଶ ଦିଗରେ ଫଟୋଗ୍ରାଫରମାନଙ୍କ ବିଶେଷ ଭୂମିକା ରହିଛି। ବିଧାୟକ ପାଣ୍ଠିରୁ ଫଟୋଗ୍ରାଫର ମାନଙ୍କ କାର୍ଯ୍ୟାଳୟ କୋଠା ନିର୍ମାଣ ଲାଗି ଅନୁଦାନ ଯୋଗାଇଦେବେ ବୋଲି ଘୋଷଣା କରିଥିଲେ। ମହାସଂଘ ସଭାପତି ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ, ସମ୍ପାଦକ ହେମନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୧ଟି ଫଟୋଗ୍ରାଫର ସଂଘ ସମେତ ସୁବାସଚନ୍ଦ୍ର ପାତ୍ର, ନିରଜ କୁମାର ଦୋରା, ଅବଦୁତ ସ୍ୱାଇଁ, ଗୌରାଙ୍ଗ ବେହେରା, ସଙ୍ଗୀତା ସାହୁ ଓ ଅରଜିତ ମିଶ୍ର ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାସଂଘ ସହ ଅନୁବନ୍ଧିତ ସମସ୍ତ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ତଦନ୍ତରେ ଅନିୟମିତତା ବିରୋଧରେ ଗଣଧାରଣା

ନିମାପଡ଼ା,୨୬।୮(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡ଼ା ପଞ୍ଚାୟତରେ ବାତ୍ୟା ଫନୀରେ ବହୁ ଘର ଭାଙ୍ଗିରୁଜି ଯାଇଥିଲା। ଏହି ପଞ୍ଚାୟତରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଶତାଧିକ ପଞ୍ଚାୟତବାସୀ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଚଳାଇଥିଲେ। ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିଶନ ଓ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଲୋଚନ ଦାସଙ୍କୁ ଏକ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପୁନଃ ତଦନ୍ତ କରାଯାଇ ବିହୀତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସରପଞ୍ଚ ଅମିତା ମଲ୍ଲିକ, ସମିତି ସଭ୍ୟ ଗଙ୍ଗାଧର ପଲେଇ, ଜିଲାପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ପ୍ରଧାନ, ରମେଶ ଚନ୍ଦ୍ର ମଲ୍ଲିକ, ଭାଗ୍ୟଧର ଖଟୋଇ, ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନରତ ନେତୃବୃନ୍ଦମାନେ କହିଛନ୍ତି।



ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଲୋକେ।

■ ପୁରୀ ମଣ୍ଡଳ କାରାଗାରରେ ଖୋଲିଲା ଇଗ୍ନୋ ଷ୍ଟଡି ସେଣ୍ଟର

# ଶିକ୍ଷା ଜୀବନ ଜିଇବାର କଳା ଶିଖାଏ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଦୁଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

ପୁରୀ ଅଫିସ, ୨୬।୮: ଶିକ୍ଷା ଆମକୁ ସଂସ୍କାର ଦିଏ। ଜୀବନ, ଜୀବିକାକୁ ସଜାଡ଼ି କିପରି ଉଚିତ ମାର୍ଗରେ ଚାଲିବାକୁ ହେବ ତାହା ମଧ୍ୟ ଶିଖାଏ। ଆମର ଆଚାର, ବ୍ୟବହାର ଏବଂ ଚାଲିଚଳଣିରେ ପରିବର୍ତ୍ତନ ମଧ୍ୟ ଆଣିଥାଏ। ଶିକ୍ଷା କେବଳ ଅର୍ଥ ଉପାର୍ଜନ ପାଇଁ ମାର୍ଗ ଫିଟାଏ ନାହିଁ ବରଂ ଜୀବନ ଜିଇବାର କଳା ଶିଖାଏ। ଉପଯୁକ୍ତ ଶିକ୍ଷା ମାଧ୍ୟମରେ ଜଣେ ବ୍ୟକ୍ତି ନିଜେ ଆଲୋକିତ ହେବା ସହିତ ଅନ୍ୟକୁ ଆଲୋକିତ କରିଥାଏ। ଏହି ଶିକ୍ଷା ପାଇଁ କୌଣସି ବୟସର ସୀମା ନ ଥାଏ। ଯେକୌଣସି ବ୍ୟକ୍ତି ଚାହିଁଲେ ଜୀବନର ଶେଷସମୟ ପର୍ଯ୍ୟନ୍ତ ଶିକ୍ଷା ଲାଭକରି ନିଜର ବୌଦ୍ଧିକ ବିକାଶ ସହିତ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ସହାୟକ ହୋଇପାରିବ। ତେଣୁ ଯୁଗେ ଯୁଗେ ଶିକ୍ଷାର ଗୁରୁତ୍ୱ ରହିଆସିଛି ବୋଲି ପୁରୀ ମଣ୍ଡଳ କାରାଗାର ପରିସରରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଉଦ୍‌ଘାଟିତ ଷ୍ଟଡି ସେଣ୍ଟରର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଡିଜି ସତ୍ୟଜିତ ମହାନ୍ତି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, ଇଗ୍ନୋର ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ପାଣିଗ୍ରାହୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ରାଜକିଶୋର ସାବତ, ପୁରୀ ସର୍କଲ ଜେଲ୍ ଅଧୀକ୍ଷକ ମମତାବାଳା ପାତ୍ର, ଜେଲର ଦିଲୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ମଣ୍ଡଳ କାରାଗାରର ଅନ୍ତେବାସୀମାନଙ୍କୁ ମାଗଣାରେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଶିକ୍ଷାକୁ ଉପଯୋଗ କରିବା ନେଇ ଅତିଥିମାନେ ଅନ୍ତେବାସୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ନିମାପଡ଼ାରେ ହେବ ୨ ବର୍ଜ୍ୟବସ୍ତୁ ପ୍ଲାଣ୍ଟ

■ ବ୍ୟୟ ହେବ ୧କୋଟି ଟଙ୍କା
■ ଅଳିଆରୁ ହେବ ସାର
■ ୧୧ଟି ୱାର୍ଡରେ ୧୧ଜଣ ୱାର୍ଡ ଅଫିସର ନିଯୁକ୍ତ

ନିମାପଡ଼ା,୨୬।୮(ଡି.ଏନ୍.ଏ.) ନିମାପଡ଼ା ଏନଏସିରେ ଏବେ ଅଳିଆ ଆବର୍ଜନା ବାହାରେ ପଡି ପରିବେଶ ଦୂଷିତ ହେବ ନାହିଁ। ଏଣିକି ଏନଏସି ପକ୍ଷରୁ ପ୍ରତ୍ୟେକ ପରିବାରଙ୍କଠାରୁ ଆବର୍ଜନା ସଂଗ୍ରହ କରାଯାଇ ୨ଟି ବର୍ଜ୍ୟବସ୍ତୁ ପ୍ଲାଣ୍ଟରେ ପକାଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଏନଏସି ପକ୍ଷରୁ ୧କୋଟି ଟଙ୍କା ବ୍ୟୟ ଅଟକଳରେ ପାଟପୁର ଓ ତଳଅଣ୍ଡିଆ ଛକ ନିକଟରେ ଖୁବଶୀଘ୍ର ଦୁଇଟି ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କରାଯିବ। ୧୧ଟି ୱାର୍ଡରୁ ସଂଗ୍ରହ ହୋଇଥିବା ଅଳିଆ ପ୍ଲାଣ୍ଟରେ ପକାଯିବା ପରେ ସେଥିରୁ ସାର ତିଆରି କରାଯାଇ ଲୋକଙ୍କୁ ବିକ୍ରି ହେବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ ଧରିତ୍ରୀକୁ କହିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଏନଏସି ଅଞ୍ଚଳ ସଫାସୁତରା ରହିବା ସହ ଏନଏସିର ଆୟ ବୃଦ୍ଧି ପାଇବ ବୋଲି ଜଣାପଡିଛି। ତେବେ ଏ ନେଇ ରବିବାର ଏନଏସି ପକ୍ଷରୁ ପରୀକ୍ଷାମୂଳକ ଭାବେ ପୌରବାସୀଙ୍କ ଘରୁ ଅଳିଆ ସଂଗ୍ରହ କରାଯିବା ସହ ଏକ ସର୍ଭେ ଆରମ୍ଭ ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଯଦି ପୌରବାସୀ ଏହି କାର୍ଯ୍ୟକୁ ସହଯୋଗ ନ କରି ସହରକୁ ଅପରିଷ୍କାର କଲେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏନଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡର ପୌରବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧା ବୁଝିବାକୁ ଏନଏସି ପକ୍ଷରୁ ୧୧ଟି ୱାର୍ଡରେ ୧୧ଜଣ ୱାର୍ଡ ଅଫିସରଙ୍କୁ ରବିବାର ନିଯୁକ୍ତ କରାଯାଇଥିବା ଏନଏସି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୪୦୨/୨୪/୮/୧୯ରୁ ଜଣାପଡିଛି। ୧୧ଟି ୱାର୍ଡରେ ଯଥାକ୍ରମେ ବନମାଳ ବାରିକ,(ଟିସି), ରାକେଶ କୁମାର ରାଉତ(ଟିସି), ସିପ୍ରାରାଣୀ ସାହୁ(ସିଓ), ରବୀନ୍ଦ୍ରନାଥ ସାହୁ(ଜେଓ), ରାଜକିଶୋର ପ୍ରଧାନ(ଏଫସି), ଯଶୋବନ୍ତ ସାହୁ(ସିଆଇ), ସୁଜାତା ମହାପାତ୍ର(ଟିସି), ରବିନାରାୟଣ ମହାନ୍ତି(ଟିସି), ବିଜୟ କୁମାର ପାତ୍ର(ଏଫସି), ଗିରୀଶଚନ୍ଦ୍ର ସ୍ୱାଇଁ(ଟିସି) ଓ ବୁଲୁ ସେଠୀ(ଜେଇ) ପ୍ରମୁଖ ନୂତନଙ୍କୁ ୱାର୍ଡ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏହି ନବନିଯୁକ୍ତ ୱାର୍ଡ ଅଫିସରମାନେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୱାର୍ଡ ପରିଦର୍ଶନ କରି ପୌରବାସୀଙ୍କ ସମସ୍ୟା ବୁଝିବାକୁ ନିଷ୍ପତ୍ତି ନିଆଯାଇଛି। ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଏନଏସିରେ ଏହି ନୂତନ ପଦକ୍ଷେପ ନିଆଯାଇଛି। ନିମାପଡ଼ା ଏନଏସିକୁ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ବିକାଶମୁଖୀ କରାଯିବା ପାଇଁ ଏନଏସି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ପୌରବାସୀମାନେ ସହଯୋଗର ହାତବଢ଼ାଇବାକୁ ନିବେଦନ କରାଯାଇଛି।



ପରୀକ୍ଷାମୂଳକ ଭାବେ ଏନ୍‌ଏସିର ବିଭିନ୍ନ ୱାର୍ଡରୁ ଅଳିଆ ସଂଗ୍ରହ କରାଯାଉଛି।